


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୬ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 JANUARY 2023
Vol.No. 34 ■ No. 25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସାଧାରଣତନ୍ତ୍ର ଦିବସ ପୂର୍ବରୁ ରାଷ୍ଟ୍ରପତିଙ୍କ ବାର୍ତ୍ତା



ନୂଆଦିଲ୍ଲୀ, ୨୫/୦୧ : ସାଧାରଣତନ୍ତ୍ର ଦିବସ ପୂର୍ବରୁ ଆଜି ଦେଶବାସୀଙ୍କ ଉଦ୍ଦେଶ୍ୟରେ ନିଜର ବାର୍ତ୍ତା ରଖିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୁପଦୀ ମୁର୍ମୁ । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି କି ଭାରତକୁ ଲୋକତନ୍ତ୍ରର ଜନନୀ ବୋଲି କୁହାଯାଇଥାଏ । ଏହାସହ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ନିକଟରେ ଦେଶ ଋଣୀ ବୋଲି ସେ କହିଛନ୍ତି । ଭାରତର ସଭ୍ୟତା ଦେଶର ସବୁଠାରୁ ପୁରୁଣା ସଭ୍ୟତା ଓ ଏହାକୁ ନେଇ ଦେଶ ଗର୍ବକରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଭାରତରେ ବିଭିନ୍ନ ଭାଷା ପ୍ରଚଳିତ ଥିବା ସତ୍ତ୍ୱେ ଆମକୁ କେହି ଅଲଗା କରିପାରିବେ ନାହିଁ । ଏହାସହ କରୋନା କାଳର ସେ କଷ୍ଟଦାୟକ ସମୟକୁ ମନେପକାଇ ରାଷ୍ଟ୍ରପତି କହିଛନ୍ତି ଯେ କରୋନା କାଳରେ ଜନତାଙ୍କ ଠାରୁ ସରକାର ପର୍ଯ୍ୟନ୍ତ ବହୁ ସମସ୍ୟାର ସାମ୍ନା କରିବାକୁ ପଡିଛି । ଏବେ ଦେଶ ମହାମାରୀ କବଳରୁ ମୁକ୍ତି ପାଇଛି । ଏହାସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଗରିବ ଲୋକଙ୍କ ଲାଭ ମିଳୁଥିବା କଥା ରାଷ୍ଟ୍ରପତି କହିଛନ୍ତି । ୨୦୨୩ ଶେଷ ପର୍ଯ୍ୟନ୍ତ ଅନ୍ନ ଯୋଜନା ଜାରି ରହିବ । କରୋନା ପରେ ଦେଶର ଅର୍ଥନୀତିରେ ଦ୍ରୁତ ସୁଧାର ଆସୁଛି । ସେପଟେ ଦେଶର ରାଷ୍ଟ୍ରୀୟ ଶିକ୍ଷାନୀତି ଦେଶବାସୀଙ୍କ ପାଇଁ ଲାଭଦାୟକ ବୋଲି ରାଷ୍ଟ୍ରପତି କହିଛନ୍ତି । ଡିଜିଟାଲ ବିକାଶରେ ଗ୍ରାମବାସୀଙ୍କୁ ସାମିଲ କରିବାକୁ ସରକାରଙ୍କ ଗାଁ ଗୁ ଗାଁ ଇଣ୍ଟରନେଟ ସୁବିଧା ଉପଲବ୍ଧ କରାଇବାକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ଦେଶର କନ୍ୟାରତ୍ନଙ୍କ ପାଇଁ ସରକାର ଚଳାଇଥିବା ବେଟି ବଚାଓ ବେଟି ପଢାଓ ଅଭିଯାନ ଏକ ସାମାଜିକ ଲାଭ ବୋଲି ସେ କହିଛନ୍ତି ।

## ଘୋଷଣା ହେଲା ପଦ୍ମ ପୁରସ୍କାର : ଦେଶର ୨୫ ଜଣଙ୍କୁ ମିଳିବ ଏହି ସମ୍ମାନ : ଓଡ଼ିଶାରୁ ୪ ଜଣ

ନୂଆଦିଲ୍ଲୀ,୨୫/୦୧ : ଘୋଷଣା ହେଲା ପଦ୍ମ ପୁରସ୍କାର । ଦେଶରେ ୨୫ ଜଣଙ୍କୁ ମିଳିବ ଏହି ସମ୍ମାନଜନକ ପୁରସ୍କାର । ଡକ୍ଟର ଦିଲ୍ଲୀପ ମାହାଲାନାବିସଙ୍କୁ ପଦ୍ମ ବିଭୂଷଣ । ମରୋଣତ୍ତର ଭାବେ ଡକ୍ଟର ଦିଲ୍ଲୀପଙ୍କୁ ମିଳିବ ଏହି ସମ୍ମାନ । ସେହିପରି ଭାଷାବିତ ଜାନୁମ ସିଂ ସିଏସଙ୍କୁ ମିଳିବ ପଦ୍ମ ଶ୍ରୀ । ହୋ ଭାଷାର ପ୍ରଚାର ପ୍ରସାର ପାଇଁ ଦିଆଯିବ ଏହି ସମ୍ମାନ । ସମାଜ ସେବା ପାଇଁ ହୀରାବାଇ ଲୋବୀଙ୍କୁ ମିଳିବ ପଦ୍ମଶ୍ରୀ । ସେହିପରି ମେଡିସିନ ପାଇଁ ଡକ୍ଟର ରତନ ଚନ୍ଦ୍ର କରଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର । ତୁଳାରାମ, ନେକରାମ ଶର୍ମା, ଘନିରାମଙ୍କୁ ପଦ୍ମ ସମ୍ମାନରେ ସମ୍ମାନୀତି କରାଯିବ । କଳା, ସାହିତ୍ୟ, ସମାଜସେବା, ସଂଗୀତ, କ୍ରୀଡା, କୃଷି, ଶିକ୍ଷା, ଚିକିତ୍ସା ଓ ଅଧାତ୍ମିକ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ୯୧ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିବ । ସେମାନଙ୍କ ମଧରେ ରହିଛନ୍ତି ୪ଜଣ ଓଡିଆ । ଓଡିଶାର ଅନ୍ତଯ୍ୟାମି ମିଶ୍ର, ମାଗୁଣି ଚରଣ କୁଅଁର, କ୍ରିଷ୍ଣା ପଟେଲ ଓ ପଟ୍ଟାୟତ ସାହୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି ।

## ଅଭିନେତା ମିହିର ଦାସଙ୍କ ସାନ ପୁଅ ଅକ୍ଳାନ୍ତ ଦାସଙ୍କ ପରଲୋକ



ଭୁବନେଶ୍ୱର,୨୫/୦୧ (ନି.ପ୍ର): ଦିବଂଗତ ଅଭିନେତା ମିହିର ଦାସଙ୍କ ସାନ ପୁଅ ଅକ୍ଳାନ୍ତ ଦାସଙ୍କ ଗତକାଲି ରାତିରେ ପରଲୋକ ହୋଇଛି । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ସୂଚନା ମିଳିଛି । ମାତ୍ର ୨୬ ବର୍ଷ ବୟସରେ ଅକ୍ଳାନ୍ତ ଦାସଙ୍କ ପରଲୋକ ହୋଇଛି । ମିଳିଥିବା ସୂଚନା ଅନୁସାରେ ଅକ୍ଳାନ୍ତ ଗତ କିଛି ଦିନ ହେବ ଲିଭର ଜନିତ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା । ଗତ ଗତକାଲି ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ପରଲୋକ ହେବା ପେର ତାଙ୍କୁ ପରିବାର ପକ୍ଷରୁ ଏମ୍ସରୁ ଅଣାଯାଇ କଟକର ସତୀଚଉରାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

## ବିଜେପି ଛାଡିଲେ ଗିରିଧର ଗମାଙ୍ଗ : କେସିଆରଙ୍କ ବିଆରଏସରେ ହେବେ ସାମିଲ



ନୂଆଦିଲ୍ଲୀ,୨୫/୦୧ : ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ଯାହା ଅନୁମାନ କରାଯାଉଥିଲା ତାହା ସତ ହୋଇଛି । ଉଭୟ ବାପପୁଅ ସାମ୍ବାଦିକ ସମ୍ମଳନୀ କରି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ୨୦୧୫ରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିବା ଗିରିଧର ଗମାଙ୍ଗ ଓ ଶିଶିର ଗମାଂଗ ବିଜେପି ଛାଡିଛନ୍ତି । ଉଭୟ ଦଳର ପ୍ରାଥମିକ ସଦସ୍ୟ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ପ୍ରେସମିଟରେ ସୂଚନା ଦେଇଛନ୍ତି । ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡାଙ୍କୁ ଇସ୍ତଫାପତ୍ର ପଠାଇ ଦେଇଥିବା କହିଛନ୍ତି । ଦଳ ଛାଡିବାର କାରଣ ନେଇ ଗିରିଧର କହିଛନ୍ତି, ଦଳରେ ଦେଖି ନଦେଖିବା ଭଳି ବ୍ୟବହାର କରାଯାଉଥିଲା । ଦଳୀୟ କାର୍ଯ୍ୟକ୍ରମକୁ ଡାକିଲେ ଯାଉଥିଲି, ନଡାକିଲେ ଯାଉନଥିଲି । ତେବେ କଂଗ୍ରେସ ଛାଡିବାବେଳେ କାହା ବିରୋଧରେ ଯେମିତି କହିନଥିଲେ ଏବେ

▶▶ପୃଷ୍ଠା ୭

## ନୂଆଦିଲ୍ଲୀରେ ଜାତୀୟ ପର୍ଯ୍ୟଟନ ଦିବସରେ 'ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ'ର ଶୁଭାରମ୍ଭ କଲେ ତିନି କେନ୍ଦ୍ରମନ୍ତ୍ରୀ




ନୂଆଦିଲ୍ଲୀ / ଭୁବନେଶ୍ୱର,୨୫/୦୧ (ନି.ପ୍ର): ବହୁ ପ୍ରତୀକ୍ଷିତ ଶ୍ରୀଜଗନ୍ନାଥ ଯାତ୍ରା ଟେନ୍ ବୁଧବାର ଶୁଭାରମ୍ଭ ହୋଇଯାଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେସନରୁ ଏହି ଟ୍ରେନ୍‌କୁ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଉତର ପ୍ରଦେଶର ବାରାଣସୀ, ବିହାରର ଗୟା, ଝାଡ଼ଖଣ୍ଡର ଦେଓଘର ଓ ପୁରୀ ଯିବ । ଏହି ଅବସରରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜି କିଶନ ରେଡ୍ଡୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ଥିଲେ । ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଓଡ଼ିଆ ଭାଷାକୁ ମହାପ୍ରଭୁ ଜଗନ୍ନାଥ ଗଢ଼ିଛନ୍ତି । କେବଳ ଓଡ଼ିଆକୁ ଛାଡ଼ି ବିଶ୍ୱର ସବୁ ଭାଷା ମଣିଷ ତିଆରି କରିଛି । କିନ୍ତୁ ଓଡ଼ିଆ ଭାଷାକୁ ମହାପ୍ରଭୁ ଜଗନ୍ନାଥ ଗଢ଼ିଛନ୍ତି । ମହାପ୍ରଭୁ ତାଙ୍କ ପ୍ରସାଦ ଭାବେ ଓଡ଼ିଆ ଭାଷାକୁ ଦେଇଛନ୍ତି । ସେଥିପାଇଁ ଓଡ଼ିଆ ଭାଷା ଏତେ ମିଠା ବୋଲି ସେ କହିଛନ୍ତି । ଓଡ଼ିଶାକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଅତିଥି ସତ୍କାର କରିବାର ଦାୟିତ୍ୱ ନେବା ପାଇଁ ବୁଧବାର ନୂଆଦିଲ୍ଲୀ ସଫଦରଜଙ୍ଗ ରେଳ ଷ୍ଟେସନ୍ ଠାରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ ଅନ୍ତର୍ଗତ

▶▶ପୃଷ୍ଠା ୭


DADLS-86




ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ -୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0238/2223

DADLS-86

ଓଡ଼ିଶା ସରକାର



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୩ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସମ୍ବିଧାନର ମାର୍ଗ ଦର୍ଶନରେ ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆମର ମିଳିତ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆସନ୍ତୁ ଆଜିର ଦିନରେ ସଂକଳ୍ପ ନେବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0238/2223

DADLS-86



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଏହି ପୁଣ୍ୟତିଥିରେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ଓ ମହାମନିଷୀମାନଙ୍କର ଅତୁଳନୀୟ ତ୍ୟାଗ, ତପସ୍ୟା ଓ ବଳିଦାନକୁ ସସମ୍ମାନେ ସ୍ମରଣ କରିବା ସହ ଆମ ସମ୍ବିଧାନର ମହତ ଉଦ୍ଦେଶ୍ୟ, ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଏକ ଆଦର୍ଶ ଦେଶ ଓ ରାଜ୍ୟ ଗଠନ ପାଇଁ ଆତ୍ମବିଶ୍ୱାସର ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0238/2223

# ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ଓ ମଣ୍ଡି ଅବ୍ୟବସ୍ଥାର ସମାଧାନ ପାଇଁ ରାଜ୍ୟପାଳଙ୍କ ସାମ୍ବିଧାନିକ ହସ୍ତକ୍ଷେପ ଲୋଡ଼ିଲା କିଷାନ କଂଗ୍ରେସ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ରାଜ୍ୟର ଉତ୍ପାଦିତ ଧାନର ପ୍ରାୟ ୩୦ ପ୍ରତିଶତ ଧାନ ଚାଷୀ ଅଣ୍ଡର ରେଟ୍‌ରେ ବିକ୍ରି କରିବା ପରେ ସରକାର ଧାନ କିଣୁଛନ୍ତି। ଚଳିତ ବର୍ଷ ଧାନ ଅମଳ ମୁତାବକ ଆବଶ୍ୟକ ସଂଖ୍ୟକ ମଣ୍ଡି ନିର୍ଦ୍ଧାରିତ ସମୟରେ ଖୋଲାଯାଇ ନାହିଁ। ଫଳରେ ଅନେକ ଚାଷୀଙ୍କର ଟୋକନ୍ ଲାପ୍ସ ହେଲାଣି। ଚାଷୀ ତା'ର କଷ୍ଟଲବ୍ଧ ଅର୍ଥ ପାଇବା କାଠିକର ପାଠ। ମିଲରମାନଙ୍କ ଅବୈନତିକ କାରବାର, ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା, ମଣ୍ଡି ଅବ୍ୟବସ୍ଥା, କଟନି ଛଟନି, ଚାଷୀ ଶୋଷଣ ପ୍ରକ୍ରିୟା ପ୍ରତି ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି। ଚାଷୀ ଧାନର ସର୍ବନିମ୍ନ ମୂଲ୍ୟ ପାଉନାହିଁ। ପ୍ରାୟ ସବୁ ମଣ୍ଡିରେ ୩ ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟନି ଛଟନି କରାଯାଉଛି। ଧାନ ଦେବାର ୨୪ ଘଣ୍ଟା ମଧ୍ୟରେ ଚାଷୀ ପ୍ରାପ୍ୟ ପାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଚାଷୀ ଧାନ ବିକ୍ରିକରି ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ପାଉନାହିଁ। ପରିବହନ ଖର୍ଚ୍ଚ ଓ ବସ୍ତା ସରକାରଙ୍କ ପକ୍ଷରୁ ଦେବା ପରିବର୍ତ୍ତେ ଚାଷୀଙ୍କୁ ପରିବହନ ଖର୍ଚ୍ଚ ଦେବାକୁ ପଡୁଛି। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମିଲର ଧାନ କିଣାରେ କୌଣସି ହସ୍ତକ୍ଷେପ କରିବା କଥା ନୁହେଁ। କେବଳ ଧାନ ଉଠାଇବା ମିଲରର ଦାୟିତ୍ୱ। କିନ୍ତୁ ମଣ୍ଡିରେ ବର୍ତ୍ତମାନ ମିଲର ସର୍ବେସର୍ବା ଓ ସରକାରଙ୍କ ଗେହ୍ଲାପୁଅ। ସରକାର ଓ ପ୍ରଶାସନ ଜାଣିଶୁଣି ଏପରି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି। ଅଦ୍ୟାବଧି ମଣ୍ଡି ସଶକ୍ତ କରାଗଲା ନାହିଁ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ସମସ୍ତ ଗ୍ରାମ ପଞ୍ଚାୟତରେ ଗୋଦାମ ଘର ଖୋଲା ଯିବା କଥା, କିନ୍ତୁ ବାର୍ଷିକ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ଗୋଦାମରେ ରଖାଯିବା ପାଇଁ ସ୍ଥିର କରାଯାଉଥିବା ବେଳେ ରାଜ୍ୟରେ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ ପାଇଁ ଗୋଦାମ ଘର ରହିଛି। ଗୋଦାମ ଘର ନିର୍ମାଣ ଘୋଷଣା ପ୍ରଚାର ସର୍ବସ୍ୱ ଓ କାଗଜ କଲମରେ ସୀମାବଦ୍ଧ। ଏପରି ଅବ୍ୟବସ୍ଥା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ବାଧ୍ୟ ହୋଇ ଧାନ କ୍ୱିଣ୍ଟାଲ ପ୍ରତି ୧୨ଶହ ୧୩ଶହ ଟଙ୍କାରେ ବିକୁଛି। ଏହି ସବୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ପାଇଁ କିଷାନ କଂଗ୍ରେସ ଓ ପ୍ରମୁଖ ଆଞ୍ଚଳିକ କୃଷକ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବୀ କରିବା ସତ୍ତ୍ୱେ ସରକାରଙ୍କର ଏଥିପ୍ରତି ତିଳେମାତ୍ର ଭୃକ୍ଷେପ ନାହିଁ। ତେଣୁ ଏହାର ଆଶୁ ସମାଧାନ ଦିଗରେ ସାମ୍ବିଧାନିକ ପ୍ରକ୍ରିୟାରେ ଓଡ଼ିଶାର ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ ଭବନରେ ରାଜ୍ୟପାଳ ପ୍ରଫେସର ଡ. ଗଣେଷୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାର ତୁରନ୍ତ ଚାଷୀଙ୍କଠାରୁ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ଏମଏସପିରେ ଠିକଣା ସମୟରେ କ୍ରୟ କରିବା, ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲିବା, ଟୋକନ ବ୍ୟବସ୍ଥାକୁ ସରଳୀକରଣ, ଚାଷୀଙ୍କୁ ବସ୍ତା ବା ଅଖା ଖର୍ଚ୍ଚ ପ୍ରଦାନ କରିବା, ପ୍ରତି ମଣ୍ଡିରେ କଟନି ଛଟନି ବନ୍ଦ, ମିଲରମାନଙ୍କ ଅସାଧୁ କାର୍ଯ୍ୟ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୪ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ, ଟାର୍ଗେଟ ଅନୁଯାୟୀ ମଣ୍ଡିରୁ ଧାନ ଉଠାଇବାକୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ନୂତନ ତ୍ରିପାଠୀ, ଅରୁଣ ଜେନା, ସଦାନନ୍ଦ ଓଝା, ସୁରେନ୍ଦ୍ର କୁମାର ପାଇକରାୟ, ମନବୋଧ ପଟେଲ, ଧ୍ରୁବ ଚରଣ ପରିଡ଼ା, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯଦି ତୁରନ୍ତ ଏହି ସମସ୍ୟାଗୁଡ଼ିକ ପ୍ରତି ସରକାର ସମାଧାନ ପନ୍ଥା ବାହାର ନ କରନ୍ତି, ଆସନ୍ତା ୩୧ ତାରିଖରୁ ପୁନର୍ବାର ଢେଙ୍କାନାଳ ଜିଲ୍ଲାରୁ କିଷାନ କଂଗ୍ରେସର ମଣ୍ଡିଚାଲ ଅଭିଯାନ ଆରମ୍ଭ ହେବ ବୋଲି ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ ସୂଚନା ଦେଇଛନ୍ତି।

# ସାମ୍ବାଦିକ ଦୁର୍ବ୍ୟବହାର ପ୍ରତିବାଦ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଭେଟିଲା ଜିଲ୍ଲା ସାମ୍ବାଦିକ ସଙ୍ଘ

କୋରେଇ, ୨୫/୦୧ (ନି.ପ୍ର): ଯାଜପୁର ଜିଲ୍ଲା ସମ୍ବାଦିକ ସଙ୍ଘ ପକ୍ଷରୁ ଯାଜପୁର ଥାନାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ରାଜ୍ୟ ସାମ୍ବାଦିକ ସଙ୍ଘ(ଏୟୁଜେ) ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।ପ୍ରକାଶଯେ ଗତ ୧୯ ତାରିଖ ଯାଜପୁର ଜିଲ୍ଲାପାଳଙ୍କ ବାସଭବନ ନିକଟରେ ନବ ନିର୍ମାଣ କୃଷକ ସଙ୍ଘ ପକ୍ଷରୁ ଧାନ ବିକ୍ରି ସମସ୍ୟାକୁ ନେଇ ଗଣଧାରଣା ଚାଲିଥିବାବେଳେ ସେହି ଖବରକୁ ସିଧା ପ୍ରସାରଣ କରୁଥିବା ଓଟିଭି ପ୍ରତିନିଧି ସଂଜୀବ କୁମାର ନାୟକଙ୍କୁ ଯାଜପୁର ଟାଉନ ଥାନାଧିକାରୀ ଅଜୟ କୁମାର ଜେନା ବାଧା ଦେବା ସହିତ ମାଡ ମାରିବାକୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ପୁଲିସର ଅପରାଗତା ଲୁଚାଇବାକୁ ପୁଲିସ ପକ୍ଷରୁ ଏଭଳି ମାତ୍ରାଧିକ କାର୍ଯ୍ୟକୁ ନିନ୍ଦା କରାଯାଇଛି। ଘଟଣାର ୬ ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଥାନାଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ରାଜ୍ୟ ସାମ୍ବାଦିକ ସଙ୍ଘ(ଏସୟୁଜେ) ଅନୁବନ୍ଧିତ ଜିଲ୍ଲା ସମ୍ବାଦିକ ସଙ୍ଘ(ଜେୟୁଜେ) ପକ୍ଷରୁ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏହାର ପ୍ରତିବାଦ ଜଣାଇବା ସହିତ ସମ୍ପୃକ୍ତ ଥାନାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଜିଲ୍ଲା ସଭାପତି ସୁବାସ ଧଳ, ତରୁଣ କୁମାର ନନ୍ଦ, ପ୍ରଭାତ ତ୍ରିପାଠୀ, ନିତ୍ୟାନନ୍ଦ ମିଶ୍ର, ଅମୂଲ୍ୟ ବରାଳ, ପ୍ରଶାନ୍ତ ନାୟକ, କୈଳାସ ମଲ୍ଲିକ, ଅକ୍ଷୟ କୁମାର ଧଳ, ଜନ୍ମେଜୟ ଦାଶ, ବିରଂଚି ଖୁଂଟିଆ, ଦୀନେଶ ପରିଡା, ଭାଜୀରଥି ବାରିକ, ସନ୍ତୋଷ କୁମାର ସାହୁ,ଅଶୋକ କୁମାର ଦାସ, ପ୍ରଦୀପ ମାଝୀ, ଶୋଭିନ ପରିଡା, ରୁଦ୍ର ପ୍ରତାପ ପାଢୀ, ଦିଲ୍ଲୀପ କୁମା ପଣ୍ଡା, ଅନୁଜ କୁମାର ମଲ୍ଲିକ, ସୁନିଲ ଓଝା, ମନ୍ମଥ କୁମାର ତରାଇ. କେଶବ ମଲ୍ଲିକ ପ୍ରମୁଖ ସମତେ ଜିଲ୍ଲାର ବିଭିନ୍ନ ଅଂଚଳର ସାମ୍ବାଦିକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ ଦାବିପତ୍ର ଗ୍ରହଣ କରିବା

# ବଲାଙ୍ଗୀରରେ ପହଂଚିଲା ଭାରତଯୋଡୋ ଯାତ୍ରା ପହଂଚିଲା : ସାମିଲ ହେଲେ ଅନେକ ନେତା

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସର ଓଡ଼ିଶା ପରିବର୍ତ୍ତନ-ଭାରତ ଯୋଡ଼ ଯାତ୍ରା ବଲାଙ୍ଗିର ଜିଲ୍ଲା ଚେରୁ ପାଲ୍ଲିଠାରୁ ବାହାରି ଲୋଇସିଂହା ସାଲେଭଟ୍ଟରେ ପହଂଚିବା ପରେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବଲାଙ୍ଗିର ଲୋକସଭାର କଂଗ୍ରେସ ପ୍ରାର୍ଥୀ ଶ୍ରୀ ସମରେନ୍ଦ୍ର ମିଶ୍ର ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଏହି ପଦଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ବଲାଙ୍ଗିର ଜିଲ୍ଲାର କୃଷକ, ଯୁବକ, ଛାତ୍ର, ଶ୍ରମିକ, ମହିଳା, ଆଦିବାସୀ ଓ ଦଳିତ ବର୍ଗର ଜନସାଧାରଣଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଲୋଇସିଂହା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଜିଲ୍ଲାର ସରପଂଚ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଆମ ରାଜ୍ୟରେ ବାସହୀନ ଗରିବ ଜନସାଧାରଣ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ବାସଗୃହ ଯୋଗାଇ ଦେବା ପାଇଁ ଯେଉଁ ପରି ପାତର ଅନ୍ତର କରାଯାଉଛି ଏବଂ ସରକାରୀ ଓ ଦଳୀୟ ନେତାଙ୍କ ଫଟୋ ଲଗାଇ ବାହାବା ନେବାକୁ କଳି ଚାଲିଛି, ତାହା ରାଜ୍ୟର ବାସହୀନଙ୍କ ପ୍ରତି କ୍ରୁର ଉପହାସ ହୋଇଛି। କେନ୍ଦ୍ରରେ ମୋଦୀ ସରକାର ଓ ରାଜ୍ୟରେ ନବୀନ ସରକାର ଉଭୟ ଏହି ଘର ପ୍ରଦାନ କରୁଥିବା ଦାବି କରୁଥିଲାବେଳେ ଏହି ବାସଗୃହ ଯୋଜନା କେବଳ କେନ୍ଦ୍ରୀୟ ଯୋଜନା ଅଟେ। ଚାଷୀ ଆଜି ହନ୍ତସନ୍ତ, ଯୁବକ-ଯୁବତୀମାନେ ବେରୋଜଗାର, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ମାନଙ୍କ ସମ୍ମାନ ଆଜି ଓଡ଼ିଶାରେ ଭୁଲୁଣ୍ଠିତ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଏସବୁ ସମସ୍ୟା ସମାଧାନ ଦିଗରେ ସାମାନ୍ୟତମ ନିଷ୍ଠା ନାହିଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ସି.ଏସ୍. ରାଜନ ଏକ୍କା, ପୂର୍ବତନ ବିଧାୟକ -ସୁରେନ୍ଦ୍ର ସିଂହ ଭୋଇ, ଶୁଭେନ୍ଦୁ ମହାନ୍ତି, ମାନସ ଚୌଧୁରୀ, ବିଧୁ ଭୂଷଣ ତ୍ରିପାଠୀ, ଆକାଶ ମିଶ୍ର, ବାଙ୍କନିଧି ବେହେରା, ଜୀପନ କୁମାର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ନରୋତମ ନାଏକ, ନିରଞ୍ଜନ ନାଏକ, ମହିଳା କଂଗ୍ରେସ ନେତ୍ରୀ ମିଳନୀସାହୁ, ସିମ୍ରନ ସିଂ ଭୋଇ ଓ ସୋଭେନ ସିଂ ଭୋଇ ସମେତ ବହୁ ନାରୀ ନେତ୍ରୀ, ଯୁବକ, ଛାତ୍ର ଓ କୃଷକ ଏହି ପଦଯାତ୍ରାରେ ଯୋଡ଼ି ହୋଇଥିଲେ। ସ୍କୁଲ ଛାତ୍ର ଛାତ୍ରୀମାନେ ମହାତ୍ମା ଗାନ୍ଧୀ, ନେହେରୁ, ଇନ୍ଦିରା ଗାନ୍ଧୀ, ଆମ୍ବେଦକର ଓ ସୁବାଷ ବୋଷଙ୍କ ବେଷ ଭୁଷାରେ ସଜ୍ଜିତ ହୋଇ ପ୍ରଦେଶ କଂଗ୍ରେସର ଏହି ପଦଯାତ୍ରାକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଆଦିବାସୀମାନେ ସେମାନଙ୍କର ପାରମ୍ପାରିକ ବାଦ୍ୟଯନ୍ତ୍ର ବଜାଇ ନାଚି ନାଚି କଂଗ୍ରେସର ଏହି ପଦଯାତ୍ରାକୁ ପାଛୋଟି ନେଇଥିଲେ।

ଆଜି ବଲାଙ୍ଗିର ଜିଲ୍ଲା ସଂଇତଳା ବେଲାଗୁଡ଼ିଆରେ କଂଗ୍ରେସ ପଦଯାତ୍ରୀମାନେ ରାତ୍ରୀ ଯାପନ କରିଥିବା ଜଣାଯାଇଛି।

# ପାରିପାର୍ଶ୍ୱିକ ବିକାଶ ବାର୍ତ୍ତାନେଇ ତ୍ରିକୁଟ ପାହାଡ଼ ଚଢ଼ିଲେ ଜିଲ୍ଲା ଅଧିକାରୀ

## ପାରିପାର୍ଶ୍ୱିକ ବିକାଶରେ ସମସ୍ତ ଅଧିକାରୀ ସ୍ୱତଃ ସାମିଲ ହେବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ସୁବର୍ଣ୍ଣପୁର, ୨୫/୦୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପାତାଳୀ ଶ୍ରୀକ୍ଷେତ୍ରର ପାରିପାର୍ଶ୍ୱିକ ବିକାଶର ବାର୍ତ୍ତାନେଇ ଆଜି ସକାଳୁ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସରକାରୀ ଅଧିକାରୀ ତ୍ରିକୁଟ ପାହାଡ ଚଢି ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆବୋଲି ସୁନିଲ ନରୱେଣେ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଓ ନିଶିପୁନମ ମିଞ୍ଜ,ଜିଲ୍ଲା ପରିଷଦ ସିଇଓ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ପିଡବ୍ଲ୍ୟୁଡି ଏସଡିଓ ଦାମୋଦର କୈବର୍ତ୍ତ, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ସିଡିଏମଓ ବିଶ୍ୱରଞ୍ଜନ ପତି, ଡିସିଓ ଜମୁନା ପଧାନ, ଜିଏମଡିଆଇସି ବଳଭଦ୍ର ନାୟକ, ଡିଏଲଓ ଡିଲେଶ୍ୱର ଖାକା, ଜିଲ୍ଲା କ୍ରୀଡା ଅଧିକାରୀ ଅଭିଲାଷ ପୁରୋହିତ, ଉଲୁଣ୍ଡା ତହସିଲଦାର ବିପିନ ପଧାନ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଅଧିକାରୀ ବୃନ୍ଦ ତ୍ରିକୁଟ ପାହାଡରୁ ଓହ୍ଲାଇଲା ପରେ ପାହାଡ ପାଦଦେଶରେ ଜିଲ୍ଲାପାଳ ଶ୍ରୀମତୀ ନରୱେଣେ ପାତାଳୀ ଶ୍ରୀକ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ କେମିତି ଭାବରେ ହୋଇପାରିବ ସେଥି ନିମନ୍ତେ ପ୍ରତ୍ୟେକ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ସମସ୍ତ ଅଧିକାରୀଙ୍କୁ ପାତଳୀ ଶ୍ରୀକ୍ଷେତ୍ର ର ପାରିପାର୍ଶ୍ୱିକ ବିକାଶ ରେ ସମସ୍ତ ଅଧିକାରୀ ସ୍ୱତଃ ସାମିଲ ହେବାକୁ ଜିଲ୍ଲାପାଳ ପରାମର୍ଶ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉପ -ଜିଲ୍ଲାପାଳ ବୀରମହାରାଜପୁରଙ୍କ ତତ୍ତ୍ୱାବଧାନରେ ଏକ ବିକାଶ ସହାୟତା ପାଣ୍ଠି ତିଆରି କରି ସେଥିରେ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ପାତାଳୀ ଶ୍ରୀକ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ପାଇଁ ନିଜସ୍ୱ ଇଚ୍ଛାରେ ବ୍ୟକ୍ତିଗତ ଭାବରେ ସାମିଲ ପୂର୍ବକ ଆର୍ଥିକ ସାହାଯ୍ୟ ସହଯୋଗ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଅଧିକାରୀଙ୍କୁ ପରାମର୍ଶ ଦେବା ସହିତ ବ୍ୟକ୍ତିଗତ ଭାବରେ ନିଜେ ପ୍ରଥମେ ୨୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପାତାଳୀ ଟ୍ରଷ୍ଟର ଉତର ପାତ୍ର, ପୁର୍ଣ୍ଣଚନ୍ଦ୍ର ପାଢ଼ୀ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ।

# ଓସ୍‌ଡ଼୍‌ମାକୁ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡ଼୍‌ମା)କୁ ଜାତୀୟ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ପାଇଁ ଚୟନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ପ୍ରେସ୍ କନ୍‌ଫରେନ୍ସରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ ଜେନା କହିଲେ ଯେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ମସିହା ପାଇଁ ଓସ୍‌ଡ଼୍‌ମାକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କର୍ଷ ପାଇଁ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ଆମକୁ ଅଧିକ ଦାୟିତ୍ୱବାନ କରିଛି। ଆମକୁ ଆଗାମୀ ଦିନରେ ଏ କ୍ଷେତ୍ରରେ ଆଗକୁ ରହିବାକୁ ପଡ଼ିବ। ୧୯୯୯ ମସିହାର ମହାବାତ୍ୟା ପରଠାରୁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ତା'ଫଳରେ ବିଗତ ବାତ୍ୟାଗୁଡ଼ିକରେ କ୍ଷୟକ୍ଷତି ହ୍ରାସ ପାଇଛି। ଆମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୂଲ୍ୟବାନ ଉକ୍ତିଟି ହେଉଛି 'ପ୍ରତ୍ୟକଟି ଜୀବନ ଆମ ପାଇଁ ମୂଲ୍ୟବାନ'। ଏହା ହିଁ ହେଉଛି ଓସ୍‌ଡ଼୍‌ମାର ଦର୍ଶନ। ଏହାକୁ ପାଥେୟ କରି ଓସ୍‌ଡମା କାର୍ଯ୍ୟ କରିଚାଲିଛି। ସରକାରଙ୍କ ଦକ୍ଷ ନୀତି ଯୋଗୁଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମଡେଲ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ଓ ଜାତିସଂଘ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଛି। ଧନଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅତ୍ୟାଧୁନିକ ଓ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ସହ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠୀ ସହଭାଗିତା ବୃଦ୍ଧିକୁ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ଅନ୍ୟ ପକ୍ଷରେ ବଜ୍ରପାତ, ଅଗ୍ନିକାଣ୍ଡ, ସାପ କାମୁଡ଼ା ଯୋଗୁ ବହୁତ ଜୀବନହାନି ହେଉଛି। ସରକାର ଏବେ ଏ ଦିଗରେ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ବର୍ଷମାନଙ୍କରେ ଏହାର ସୁଫଳ ମିଳିବ। ପାଣିରେ ବୁଡ଼ି ମୃତ୍ୟୁ ମଧ୍ୟ ଏକ ଚିନ୍ତାଜନକ ବିଷୟ। ଏ କ୍ଷେତ୍ରରେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଛି। ଏବେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ସାମିଲ କରାଯାଇଛି। ଫଳରେ ଏବେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଶିକ୍ଷା ଦିଆଯିବ। ଅଙ୍ଗନବାଡ଼ି, ପୋଲିସ କନ୍‌ଷ୍ଟେବଲ, ଫରେଷ୍ଟର, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତିର ସଦସ୍ୟମାନଙ୍କୁ ଏବେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ତାଲିମ ଦିଆଯିବ।

ଓଡ୍ରାଫ୍ ଓ ଓଡ଼ିଶା ଫାୟାର ସର୍ଭିସ୍‌କୁ ଅତ୍ୟାବଶ୍ୟକ ଜ୍ଞାନକୌଶଳରେ ସଜ୍ଜିତ କରାଯାଇ ଆବଶ୍ୟକ ଆଡ୍‌ଭାନ୍ସ ଟେକ୍‌ନୋଲୋଜି ଓ ସଂରଞ୍ଜାମ ଯୋଗାଇ ଦିଆଯିବା ଫଳରେ ଆପଦକାଳୀନ ପରିସ୍ଥିତିର ସମ୍ମୁଖୀନ ହେବାରେ କୌଣସି ଅସୁବିଧା ହେବ ନାହିଁ।

ଏହି ଅବସରରେ ଓସ୍‌ଡ଼୍‌ମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଜ୍ଞାନ ଦାସ, ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପଦ୍ମନାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ ଜୟନ୍ତିରେ କେନ୍ଦ୍ରାପଡା କଂଗ୍ରେସର ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୨୫/୦୧ (ନି.ପ୍ର): ସୁବାଷ ଚନ୍ଦ୍ର ବୋସଙ୍କ ୧୬୨ତମ ଜନ୍ମ ଜୟନ୍ତୀ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ କଜଳା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କ ଶ୍ରଦ୍ଧାଞ୍ଜଳୀରେ ନେତାଜୀଙ୍କ ଦେଶପ୍ରମର ପଟାନ୍ତର ନାହିଁ ବୋଲି କହିଥିଲେ। ନେତାଜୀଙ୍କ ସାଜାଜିକ, ଅର୍ଥନୈତିକ ଚିନ୍ତାଧାରା ସମ୍ପ୍ରତି ଭାରତବର୍ଷ ପାଇଁ ଅଧିକ ପ୍ରାସଙ୍ଗିକତା ଲାଭ କରିଛି। ଏହି ଉପଲକ୍ଷେ ବ୍ଲକ ଓ ନଗର କଂଗ୍ରେସ ତରଫରୁ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା। ଏହି ଶିବିରରେ ସମୁଦାୟ ୬୧ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏହି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। କଟକର ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜ ତରଫରୁ ମେଡିକାଲ ଟିମ ଏହି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି, ସିଦ୍ଧାର୍ଥ ଜେନା, ପ୍ରଭାତ କୁମାର ଉଡାନସିଂ ରତିକାନ୍ତ ସାମଲ, ଚନ୍ଦନ ଦାସ, ସୋମ୍ୟରଞ୍ଜନ ନାୟକ, ହିମାଂଶୁ ବେହେରା, ଡି. ରବଟସନ ରାଜୁ, ସୁନିଲ ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ, ମିର ମୁସସିଦ, ଜିମୟୀ ନାୟକ, ବିଷ୍ଣୁପ୍ରିୟା ପାଣ୍ଡା, ସୁଧିର ନାୟଲ, ସୁଜିତ କୁମାର ପ୍ରଧାନ, ଅଭିଲାଷ ପାତ୍ର, ସ୍ମୃତିରଞ୍ଜନ ସାମଲ, ଜୟପ୍ରକାଶ ପଣ୍ଡା, ରୁଦ୍ରନାରାୟଣ ତରାଇ, ଜ୍ଞାନରଞ୍ଜନ ସାହୁ, ଅରେସାନ ହୁସେନ, ଚନ୍ଦ୍ରକାନ୍ତ ବେହେରା, ଆଦିତ୍ୟ ପତି, ନଳିନୀ କାନ୍ତ ବେହେରା, ଦୟାନିଧି ପରିଡା ପ୍ରମୁଖ ରକ୍ତଦାନ କରିଥିଲେ। ନେତାଜୀ ଜୟନ୍ତୀ ସାମାରୋହ ତଥା ରକ୍ତଦାନ ଶିବିରରେ କଂଗ୍ରେସ ନେତା ଚିନ୍ମୟ ପ୍ରସାଦ ବେହୁରା, ମହମ୍ମଦ ଆକବର ଅଲ୍ଲୀ, ଚିତ୍ରସେନ ପରିଡା, ମୁକ୍ତାର ଖାଁ, ପରଭେଜ ଅକ୍ତର, ମଳୟ କୁମାର ଦାସ, ଅମୁଲ୍ୟ କୁମାର ପ୍ରଧାନ, ସୁବାସ ମହାଳିକ, ସାର୍ଥକ ମହାପାତ୍ର, ଜ୍ୟୋତି ରଞ୍ଜନ ପ୍ରଧାନ, ଲକ୍ଷ୍ମୀଧର ବାରିକ, ରଜନିକାନ୍ତ ନାୟକ,ବାବାଜି ମଲ୍ଲିକ ପ୍ରଭୃତି ସାମିଲ ହୋଇଥିଲେ।

# ଶନିବାର ଅନୁଷ୍ଠିତ ହେବ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବଲାଣି, ୨୫/୦୧ (ନି.ପ୍ର): ଚଳିତ ବର୍ଷ ସାରା ଦେଶ ପାଳନ କରୁଛି ଆଜାଦି କା ଅମୃତ ମହୋତ୍ସବ। ଏ ନେଇ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଦେଶ ହିତରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ଇସ୍ପାତ ଉତ୍ପାଦନରେ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ସେଲ୍ ପକ୍ଷରୁ ବିଭିନ୍ନ ଏକକ ରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣି ପକ୍ଷରୁ ଖଣି ପ୍ରଭାବିତ ଅଂଚଳରେ ଏକ ମେଗା ନିଶୁଳ୍କ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ମାସ ୨୮ ତାରିଖ ଶନିବାର ବଲାଣି ଖଣିର ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ(ସିଏସଆର) ବିଭାଗ ପକ୍ଷରୁ ଯୋଡ଼ା ବ୍ଲକ ବଲାଣି ପଂଚାୟତର ବଲାଣି ବସ୍ତି ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ବଲାଣି ଖଣିର ନିଜସ୍ୱ ଡାକ୍ତରଖାନାର ବିଭିନ୍ନ ବିଭାଗର ଡାକ୍ତର ଏହି ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ବଲାଣି ଖଣି ଡାକ୍ତରଖାନାର ମୁଖ୍ୟ ଡା. ଥାନେଶ୍ୱର ସୋରେନ ସୂଚନା ଦେଇଛନ୍ତି। ଏହି ଶିବିର ଦ୍ୱାରା ବଲାଣି ଖଣିର ପ୍ରଭାବିତ ଗ୍ରାମବାସୀ କିପରି ଅଧିକରୁ ଅଧିକ ଲାଭାନ୍ୱିତ ହୋଇପାରିବେ ସେ ନେଇ ଖଣିର ସିଏସଆର୍ ବିଭାଗ ପକ୍ଷରୁ ବ୍ୟାପକ ଭାବେ ପ୍ରଚାର ପ୍ରସାର ଆରମ୍ଭ ହୋଇଛି। ବଲାଣି ଖଣି ଦ୍ୱାରା ସିଧାସଳଖ ଭାବେ ପ୍ରଭାବିତ ହେଉଥିବା ପ୍ରତ୍ୟେକ ଗ୍ରାମବାସୀଙ୍କ ନିକଟରେ କିପରି ସ୍ୱାସ୍ଥ୍ୟ ସେବା ପହଂଚିପାରିବ ସେନେଇ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ସିଏସଆର୍ ବିଭାଗର ମୁଖ୍ୟ ଉମେଶ ପ୍ରସାଦ କହିଛନ୍ତି। ଉକ୍ତ ଶିବିରରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକେ ସିଧାସଳଖ ଲାଭାନ୍ୱିତ ହୋଇପାରିବେ ବୋଲି ବଲାଣି ଖଣି ପକ୍ଷରୁ ସୂଚନା ମିଳିଛି। ଉକ୍ତ ଶିବିରରେ ଅଧିକରୁ ଅଧିକ ଗ୍ରାମବାସୀ ଯୋଗଦେଇ ନିଜର ତଥା ନିଜ ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସିଏସଆର୍ ବିଭାଗର ମୁଖ୍ୟ ଉମେଶ ପ୍ରସାଦ ଆଗ୍ରହ ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ସାଧୁସନ୍ଥ ପ୍ରଣାମ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ରାଜ୍ୟରେ ପୂଜ୍ୟପୂଜା ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ଅନୁଷ୍ଠାନ ରାଜ୍ୟ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ସାଧୁ ସନ୍ଥ ପ୍ରଣାମ ଉତ୍ସବକୁ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଆମେ ପ୍ରତ୍ୟେକ ଭାରତୀୟ ଜଣେ ଜଣେ ଋଷିଙ୍କ ବଂଶଧର। ସେଥିପାଇଁ ପ୍ରତ୍ୟେକ ଶୁଭକାର୍ଯ୍ୟରେ କାର୍ଯ୍ୟଗ୍ରାହୀଙ୍କୁ ସଂକଳ୍ପ ସମୟରେ ଗୋତ୍ର ଉଚ୍ଚାରଣ କରିବାକୁ କୁହାଯାଇଥାଏ। ଗୋତ୍ରରୁ ପ୍ରତୀୟମାନ ହୁଏ କିଏ କେଉଁ ଋଷି ବଂଶଜ। ଋଷି ଅଗସ୍ତ୍ୟଙ୍କ ଉପରେ ଆଧାରିତ ଆଲୋଚନାଚକ୍ରକୁ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପୌରହିତ୍ୟ କରି କହିଲେ ଯେ, ଆମେ ସମସ୍ତେ ଶିଶୁ ଅବସ୍ଥାରୁ ସପ୍ତର୍ଷି ମଣ୍ଡଳ ବିଷୟରେ ପଢି ଆସୁଥିଲେ ମଧ୍ୟ ସେମାନଙ୍କର ଐତିହାସିକ ଅବଦାନ ବିଷୟରେ ଅବଗତ ନାହୁଁ। ଋଷି ଅଗସ୍ତ୍ୟଙ୍କର ଅସୀମ ଶକ୍ତି ବିଷୟରେ ବିଶିଷ୍ଟ ସଂସ୍କୃତ ବିଦ୍ୟାନ ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ବ୍ୟାଖ୍ୟାନ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସତ୍ୟନାରାୟଣ ଆଗ୍ୟର୍ଯ୍ୟ ସଂସ୍କୃତ ଭାଷା ଭାରତବର୍ଷର ଆତ୍ମା ବୋଲି କହିବା ସହ ଜଗନ୍ନାଥାଷ୍ଟକ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ବାଳକାନନ୍ଦ ମହାରାଜ, ବ୍ରହ୍ମକୁମାରୀ ଦୁର୍ଗେଶ ନନ୍ଦିନୀ, ବୌଦ୍ଧଭୀକ୍ଷୁ ଧର୍ମ ସୁବୋଧି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଭାରତବର୍ଷର ସାଧୁସନ୍ଥଙ୍କ ମହିମା ଉପରେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପୂର୍ବତନ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ରଙ୍କ ୮୨ତମ ସ୍ୱନକ୍ଷତ୍ର ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ହାଲିଙ୍କ ସ୍ୱନକ୍ଷତ୍ର ଅବସରରେ ସାଧୁ, ସନ୍ଥ, ବିଦ୍ୱାନ, ଜ୍ୟେଷ୍ଠ ଓ ଶ୍ରେଷ୍ଠମାନେ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ ବେଦପାଠ, କେନ୍ଦ୍ର ସରକାରଙ୍କ ବରିଷ୍ଠ ପ୍ରଶାସିକା ଶ୍ରୀମତୀ ନନ୍ଦିତା ମିଶ୍ର ସ୍ୱାଗତ ଭାଷଣ ଓ ସୌମ୍ୟ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ପୂର୍ଣ୍ଣ୍ୟା ମିଶ୍ର ଗୀତା ପାଠ କରିଥିଲେ।

# ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୨୫ ବର୍ଷ ଜେଲ୍ ସହ ଜରିମାନା

କନ୍ଧମାଳ, ୨୫/୦୧ (ନି.ପ୍ର): ମଙ୍ଗଳବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିବ କୁମାର ବେହେରା ଫୁଲବାଣୀ ସଦର ଥାନା ଅଂଚଳର ଅଭିଯୁକ୍ତ ବାବୁଲି କୁଦେଇକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆସାମୀକୁ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉକି, ୨୦୧୯ରେ ଅଭିଯୁକ୍ତ ବାବୁଲି ଘରେ କେହି ନଥିବାର ସୁଯୋଗ ନେଇ ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ସଦର ଥାନାରେ ଏତଲା ଦେଇଥିଲେ। ସଦର ପୋଲିସ ଏତଲା ପାଇ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲି କୁଦେଇକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତି କରି ପୋକସୋ କୋର୍ଟ ବିଚାରପତି ମଙ୍ଗଳବାର ଏହି ମାମଲାରେ ରାୟ ପ୍ରକାଶ କରିଛନ୍ତି।

ଉମେଶ ଚନ୍ଦ୍ର ପାତ୍ର

# ସାଧାରଣତନ୍ତ୍ର ଓ ଧର୍ମାନ୍ତରୀକରଣ ମୁକ୍ତ ଭାରତ

ଆଜି ହେଉଛି ସାଧାରଣତନ୍ତ୍ର ଦିବସ। ସାଧାରଣତନ୍ତ୍ର ଦିବସଟି ସ୍ୱାଭାବିକ ଭାବେ ପ୍ରତିଟି ଭାରତୀୟଙ୍କ ପାଇଁ ଏକ ଆନନ୍ଦ, ଆତ୍ମସମୀକ୍ଷା ଓ ଗୌରବର ଦିନ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମ କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତା ସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନୈକ ଭକ୍ତ ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏଡ୍‌ମଣ୍ଡ ସ୍ପେନ୍‌ସର ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ - ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ୍ୟ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର ଭାଇ ବାଇବେଲ୍‌ରୁ ପଢ଼ିଲେ - ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମଠାରୁ ଦୁଇଗୁଣ ଖରାପ ହୋଇପାରେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୁରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁ ମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି।

ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନାମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ-ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଭଗବାନ ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ୍ ଆସୁଥିଲା। ମୋର ମନେହୁଏ ଭଗବାନ ଯୀଶୁଖ୍ରୀଷ୍ଟ ମଧ୍ୟ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ପୟଗମ୍ବର ରସୁଲ୍ ମଧ୍ୟ ନୂର୍ ଓ ଆୱାଜ୍ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆର୍ବିଭାବ। ସ୍ୱାଧୀନ ଭାରତରେ ଦୁଇଟି ଦିନକୁ ଜାତୀୟ ଦିବସ ରୂପେ ପାଳନ କରାଯାଏ - ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ। ୧୯୫୦ ଜାନୁଆରୀ ୨୬ରେ ଭାରତର ଗଣତାନ୍ତ୍ରିକ ରାଷ୍ଟ୍ରୟ ଘୋଷିତ ହୋଇଥିଲା। ଶାସନ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସାମ୍ବିଧାନିକ ସଭା ୧୯୪୯ ନଭେମ୍ବରରେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଥିଲା। ତେବେ ସମ୍ବିଧାନକୁ ଲାଗୁ କରାଇବା ପାଇଁ ପର ବର୍ଷ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା। ସମ୍ବିଧାନ ଜରିଆରେ ଦେଶର ଏକତା ରକ୍ଷା କରାଯାଇଛି। ଏହା ନାଗରିକଙ୍କୁ ରାଜନୈତିକ ସ୍ୱାଧୀନତା ଏବଂ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି। ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି। ଭାରତୀୟ ସମ୍ବିଧାନ ବିଶ୍ୱର ଅନ୍ୟତମ ପ୍ରମୁଖ ସମ୍ବିଧାନ। ଆମ ସମ୍ବିଧାନରେ ଯେଉଁସବୁ କଥା କୁହାଯାଇଛି ଏବଂ ଯେଉଁସବୁ ବିଷୟମାନ ରହିଛି, ତାହା ଅଧିକାଂଶ ସଭ୍ୟ ରାଷ୍ଟ୍ରର ଇପ୍‌ସିତ ଲକ୍ଷ୍ୟ ହୋଇଛି। ସମ୍ବିଧାନ ଆମକୁ ଦେଇଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ସବୁ ମତ ଓ ସବୁ ଧର୍ମକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଉଛି। ଭାରତର ସାଂସ୍କୃତିକ ଏକତା ଏଥିରେ ପ୍ରସ୍ଫୁଟିତା ପୁଣି ବ୍ୟକ୍ତି ସ୍ୱାଧୀନତା ହେଉଛି ଆମ ସମ୍ବିଧାନର ଅନ୍ୟତମ ମୂଳମନ୍ତ୍ର। ଏହାର ମୂଲ୍ୟବୋଧ ଅବଶିଷ୍ଟ ବିଶ୍ୱ ସ୍ୱୀକାର କରୁଛି। ଆଜି ସାଧାରଣତନ୍ତ୍ର ଦିବସ ଅବସରରେ ଏହାର ସମ୍ମାନ ଅତୁଟ ରଖିବା ଆମର ଧ୍ୟେୟ ହେଉ।

ସହ-ପ୍ରତିରତ୍ନିକ ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭



## ଭାରତୀୟ ଗଣରାଜ୍ୟ

*ସାଧାରଣତନ୍ତ୍ର ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ପବିତ୍ର ଦିବସ। ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ହାସଲ କରିଥିଲା। ଏହି ଦିନ ଭାରତର ସାର୍ବଭୌମତ୍ୱର ଔପଚାରିକ ଘୋଷଣା ହୋଇଥିଲା। କାରଣ ଦେଶ ଶାସନ ପାଇଁ ଆବଶ୍ୟକ ମେରୁଦଣ୍ଡ ଅର୍ଥାତ୍ ସମ୍ବିଧାନ ଏହି ଦିନ ହିଁ ସ୍ୱୀକୃତିପ୍ରାପ୍ତ ହୋଇଥିଲା। ସ୍ୱାଧୀନତା ପରେ ଏହି ଦିନରେ ଭାରତକୁ ସାଧାରଣତନ୍ତ୍ର ଘୋଷିତ କରାଯିବ ବୋଲି ସାମ୍ବିଧାନିକ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସାମ୍ବିଧାନିକ ସଭାକୁ ନିର୍ବାଚିତ ହୋଇଥିବା ସଭ୍ୟମାନଙ୍କ ମଧ୍ୟରେ ଭୀମରାଓ ଆମ୍ବେଦକର, ଶ୍ୟାମାପ୍ରସାଦ ମୁଖାର୍ଜୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଆଜାଦ, କେ.ଏମ୍.ମୁନ୍‌ସି ପ୍ରମୁଖ ଥିଲେ। ନେହେରୁ, ଆମ୍ବେଦକର ଓ ଶ୍ୟାମାପ୍ରସାଦ ଥିଲେ ଆଇନ ବିଶାରଦ। ଆଇସିଏସ୍ ଅଧିକାରୀ ବିଏନ୍ ରାଓଙ୍କୁ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଥିଲା। ଏହି ୧୯୪୮ ମସିହାରେ ଚିଠା ଆଇନ ପ୍ରଣୟନ କରାଯାଇଥିଲା। ଏହି ଚିଠା ଆଇନକୁ ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ଚିଠା କମିଟି ସଂଶୋଧିତ କରିଥିଲା। ପ୍ରାୟ ଦୁଇ ହଜାର ସଂଶୋଧନ ପରେ ଚିଠା କମିଟି ଏହି ଆଇନକୁ ସଂପୂର୍ଣ୍ଣ ରୂପ ଦେଇଥିଲା। ୧୯୪୯ ନଭେମ୍ବରରେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ତେବେ ସମ୍ବିଧାନକୁ ଲାଗୁ କରାଇବା ପାଇଁ ପର ବର୍ଷ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା। ଆମ ସମ୍ବିଧାନ ଜରିଆରେ ଦେଶର ଏକତା ରକ୍ଷା କରାଯାଇଛି। ଏହା ନାଗରିକଙ୍କୁ ରାଜନୈତିକ ସ୍ୱାଧୀନତା ଏବଂ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି। ଏହା ଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସମ୍ଭବ ହୋଇଛି। ଆମ ସମ୍ବିଧାନରେ ମୋଟ ୪୪୮ଟି ଧାରା ଓ ୧୨ଟି ଉପଧାରା ଏବଂ ୧୦୧ଟି ସଂଶୋଧନ ରହିଛି। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି।*

# ସାଧାରଣତନ୍ତ୍ର ଦିବସ ଓ ଆମ ସମ୍ବିଧାନ

ଯଜାତି କେଶରୀ ନାୟକ

ଭାରତବର୍ଷରେ ଦୁଇଟି ଦିନକୁ ଜାତୀୟ ଦିବସ ରୂପେ ପାଳନ କରାଯାଏ - ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ। ଦୁଇଟି ଯାକ ଆମ ପାଇଁ ପବିତ୍ର ଏବଂ ମହତ୍ତ୍ୱପୂର୍ଣ୍ଣ। ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଗାଣତାନ୍ତ୍ରିକ ରାଷ୍ଟ୍ର ଭାବେ ଘୋଷିତ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା। ସମ୍ବିଧାନ ଜରିଆରେ ଭାରତବର୍ଷର ଏକତା ଅଖଣ୍ଡତା ରକ୍ଷା କରାଯାଇଛି। ଆମ ସମ୍ବିଧାନ ସମସ୍ତ ନାଗରିକଙ୍କୁ ରାଜନୈତିକ ଓ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି। ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି। ଭାରତୀୟ ସମ୍ବିଧାନ ବିଶ୍ୱର ଅନ୍ୟତମ ପ୍ରମୁଖ ସମ୍ବିଧାନ। ଆମ ସମ୍ବିଧାନରେ ଯେଉଁସବୁ କଥା କୁହାଯାଇଛି ଏବଂ ଯେଉଁସବୁ ବିଷୟମାନ ରହିଛି, ତାହାକୁ ବହୁ ସଭ୍ୟ ରାଷ୍ଟ୍ର ଗ୍ରହଣ କରିଛନ୍ତି। ଆମ ସମ୍ବିଧାନ ଆମକୁ ଦେଇଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ସମ୍ବିଧାନ ଆମକୁ ସବୁ ମତ ଓ ଧର୍ମକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଉଛି। ଭାରତର ସାଂସ୍କୃତିକ ଏକତା ଏଥିରେ ପ୍ରସ୍ଫୁଟିତ। ପୁଣି ବ୍ୟକ୍ତି ସ୍ୱାଧୀନତା ହେଉଛି ଆମ ସମ୍ବିଧାନର ଅନ୍ୟତମ ମୂଳମନ୍ତ୍ର। ଏହାର ମୂଲ୍ୟବୋଧ କୁ ସମଗ୍ର ବିଶ୍ୱ ସ୍ୱୀକାର କରେ। ଆଜକୁ ଚଉଷଠି ବର୍ଷ ତଳେ ନୂଆଦିଲ୍ଲୀର ବ୍ୟବସ୍ଥାପକ ସଭା ଗୃହରେ ୨୭୧ ଜଣ ନିର୍ବାଚିତ ପୁରୁଷ ଓ ମହିଳା ପ୍ରତିନିଧି ସ୍ୱାଧୀନ ଭାରତର ସମ୍ବିଧାନକୁ ସ୍ୱୀକୃତି ଦେଇଥିଲେ। ସେମାନଙ୍କର ତିନି ବର୍ଷର ମିଳିତ ଉଦ୍ୟମରେ ଲେଖାହୋଇଥିଲା ବିଶ୍ୱର ସର୍ବବୃହତ୍ ସମ୍ବିଧାନ। ନବେ ହଜାର ଶବ୍ଦ ଥିଲା ଭାରତୀୟ ସମ୍ବିଧାନ ଉଭୟ ଇଂଲିଶ ଏବଂ ହିନ୍ଦୀ ଭାଷାରେ ରଚିତ ହୋଇଥିଲା। ସେହି ବିଶାଳ ପୁସ୍ତକର ପୃଷ୍ଠାଗୁଡ଼ିକ ଚିତ୍ରିତ ଥିଲା। ଶାନ୍ତିନିକେତନର ବିଶିଷ୍ଟ ଚିତ୍ରଶିଳ୍ପୀ ନନ୍ଦଲାଲ ବସୁ ଭାରତୀୟ ଇତିହାସ ଆଧାରରେ ଚିତ୍ରଗୁଡ଼ିକ ଆଙ୍କିଥିଲେ। ସ୍ୱାଧୀନତା ପରେ 'କ୍ୟାବିନେଟ୍ ମିସନ୍ ପ୍ଲାନ୍' ଅନୁଯାୟୀ ସମ୍ବିଧାନ ରଚନା କରିବା ନିମନ୍ତେ ସାମ୍ବିଧାନିକ ସଭା ଗଢାଯାଇଥିଲା। ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ନିର୍ବାଚିତ ଏବଂ ମନୋନୀତ ପ୍ରତିନିଧିମାନେ ଏହି ସଭାର ସଦସ୍ୟ ହୋଇଥିଲେ। ବିଆର୍ ଆମ୍ବେଦକର, ଶ୍ୟାମା ପ୍ରସାଦ ମୁଖାର୍ଜୀ, କେଏମ୍ ମୁନ୍‌ସୀ, ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମୌଲାନା ଆବୁଲ କଲାମ ଆଜାଦ, ଆଲ୍ଲାଡି କୃଷ୍ଣସ୍ୱାମୀ ଆୟାର, ଏନ୍ ଗୋପାଳସ୍ୱାମୀ ଆୟେଙ୍ଗାର, ଜେରୋମ୍ ଡି'ସୁଜା ପ୍ରମୁଖ ସେହି ସାମ୍ବିଧାନିକ ସଭାର ସଦସ୍ୟ ଥିଲେ। ଅଭିଜ୍ଞ ପ୍ରଶାସକ ତଥା ଆଇସିଏସ୍ ଅଧିକାରୀ ବିଏନ୍ ରାଉଙ୍କୁ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଥିଲା। ରାଉ ୧୯୪୮ର ଚିଠା ସମ୍ବିଧାନ ପ୍ରସ୍ତୁତ କରିଥିଲେ। ସେଇଟିକୁ ଆମ୍ବେଦକରଙ୍କ ନେତୃତ୍ୱରେ ଚିଠା କମିଟି ସଂଶୋଧିତ କରିଥିଲା। ଅନ୍ୟୁନ ଦୁଇ ହଜାର ସଂଶୋଧନ ପରେ ଚିଠା କମିଟି ସେଇଟିକୁ ଚୂଡ଼ାନ୍ତ ରୂପ ଦେଇଥିଲା। ୧୯୫୦ ଆଜି ଦିନରେ ପ୍ରଥମେ ସର୍ବସମ୍ମତିକ୍ରମେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ରାଷ୍ଟ୍ରପତି କରାଯିବା ପରେ ସେ ସଦସ୍ୟମାନଙ୍କୁ ସମ୍ବିଧାନରେ ସ୍ୱାକ୍ଷର କରିବା ପାଇଁ ଆମନ୍ତ୍ରିତ କରିଥିଲେ। ନେହରୁ ପ୍ରଥମେ ଏବଂ ସର୍ବଶେଷରେ ରାଜେନ୍ଦ୍ର ପ୍ରସାଦ ସେଥିରେ ସ୍ୱାକ୍ଷର କରିଥିଲେ।

+ସେକ୍ଟର-୧୦, ସିଡିଏ, କଟକ

ଅକ୍ଷୟ କୁମାର ରାଉତ

# ସାମ୍ପ୍ରତିକ ସମାଜରେ ଗାନ୍ଧିଜୀଙ୍କ ପ୍ରାସଙ୍ଗିକତା

ସତ୍ୟ ଅହିଂସା ଓ ପରୋପକାର କଥା ମନକୁ ଆସିଲେ ଗାନ୍ଧି ନାମ ଟି ଆପଣା ଛାଏଁ ମନକୁ ଆସେ। ଗାନ୍ଧିଙ୍କ ବିଚାରଧାରା କେବଳ ଦେଶ ନୁହେଁ ସଂପୂର୍ଣ୍ଣ ବିଶ୍ୱରେ ପ୍ରଘଟ। ଆଜିଭଳି ୧୯୪୮ ମସିହାରେ କିମ୍ବା ପୂର୍ବରୁ ଏମିତି ଛତୁ ଫୁଟିଲା ଭଳି ଇଲୋକଟ୍ରୋନିକ ମିଡିଆ କିମ୍ବା ସୋସିଆଲ ମିଡିଆ ନଥିଲା କେବଳ ହାତ ଗଣତି କେତୋଟି ଖବର କାଗଜ ଥିଲା ତଥାପି ଗାନ୍ଧୀ ଏବଂ ତାଙ୍କ ବିଚାରଧାରା ବିଶ୍ୱରେ ପରିଚିତ ଥିଲେ। ଏହା ତାଙ୍କର ଆଦର୍ଶ, ସମାଜ ପ୍ରତି ଅବଦାନ ଏବଂ ବିରଳ ବ୍ୟକ୍ତିତ୍ୱର ପରିଚାୟକ। ଗାନ୍ଧିଜୀ କହୁଥିଲେ ଯେଉଁଠି ସତ୍ୟ ଅଛି ସେଇଠି ଇଶ୍ୱର ଅବସ୍ଥିତ। ସେ କହୁଥିଲେ ଅହିଂସାର ଅର୍ଥ ପ୍ରେମ, ଉଦାରତା। ଗାନ୍ଧିଜୀଙ୍କ ଅନୁଯାୟୀ ଅହିଂସକ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ମାନସିକ କିମ୍ବା ଶାରୀରିକ ପୀଡା ଦେଇ ନଥାଏ। ସେ କହୁଥିଲେ ଅହିଂସା ଏକ ବସ୍ତ୍ର ନୁହେଁ ଯେ ମନ ହେଲେ ପିନ୍ଧିବା, ମନ ନହେଲେ ପରିତ୍ୟାଗ କରି ଦେବା। ଅହିଂସା ଆମ ହୃଦୟରେ ରହିବା ଆବଶ୍ୟକ ଏବଂ ଏହା ଆମ ଜୀବନର ଅଭିନ୍ନ ଅଙ୍ଗ ହେବା ଆବଶ୍ୟକ ତା ହେଲେ ଯାଇ ମାନବ ସମାଜରେ ଶାନ୍ତି ସ୍ଥାପିତ ହେବ।

କେହି କେବେ ଭାବିଥିଲା ଯେ, ଅହିଂସା ଓ ସତ୍ୟାଗ୍ରହ ଦ୍ୱାରା ବ୍ରିଟିଶ ସାମ୍ରାଜ୍ୟକୁ ହରାଇ ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହେବ ବୋଲି ! ପରନ୍ତୁ ଗାନ୍ଧୀଙ୍କ ଦୃଢ ମନୋବଳ, ନିଷ୍ଠା, ସମର୍ପଣ ଭାବ ଏବଂ ସମାଜର ସବୁ ବର୍ଗଙ୍କୁ ନେଇ ଚାଲିବାର ଦୃଢ ପ୍ରୟାସ ବିଶ୍ୱରେ ଏକ ନୂଆ ଇତିହାସ ସୃଷ୍ଟି କରିଥଲା। ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରି ସ୍ୱାଧୀନତା ହାସଲ କରିବା ଏତେ ସହଜ ନଥିଲା ଏକଥା ଭଲ ଭାବେ ଗାନ୍ଧିଜୀ ଜାଣିଥିଲେ ପରନ୍ତୁ ଏହାଠାରୁ ଅଧିକ ସମସ୍ୟା ଥିଲା ସମାଜର ସବୁ ବର୍ଗର ଲୋକଙ୍କୁ ଏକାଠି କରି ଆନ୍ଦୋଳନକୁ ବ୍ୟାପକ କରିବା ଏଥି ପାଇଁ ସବୁଠୁ ବଡ ପ୍ରତିବନ୍ଧକ ଥିଲା ସମାଜରେ ଥିବା ଛୁଆଁ ଅଛୁଆଁ, ଭେଦ ଭାବ, ଶିକ୍ଷିତ ଏବଂ ଅଶିକ୍ଷିତଙ୍କ ମଧ୍ୟରେ ପ୍ରଭେଦ। ସେ ଜାଣିଥିଲେ କୌଣସି ଗୋଟାଏ ବର୍ଗ ଲୋକଙ୍କୁ ନେଇ ଏତେ ବଡ ଆନ୍ଦୋଳନ ଠିଆ କରିହେବନି ତେଣୁ ସେ ସମାଜରେ ଥିବା ଏଇ ଘୃଣ୍ୟ ପ୍ରଥା ବିରୁଦ୍ଧରେ ନିଜର ସାମାଜିକ ଆନ୍ଦୋଳନ ଜାରି ରଖିଥିଲେ। ୧୯୩୨ରେ ସେ 'ହରିଜନ ସେବକ ସଂଘ' ନାମରେ ଏକ ସଂସ୍ଥା ସ୍ଥାପିତ କରିଥିଲେ ଯାହାର କାର୍ଯ୍ୟ ହିନ୍ଦୁ ସମାଜରେ ଥିବା ଛୁଆଁ ଅଛୁଆଁ ଭେଦ ଭାବକୁ ଦୂରକରି ଦଳିତ ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟଧାରାକୁ ଆଣିବା, ସବର୍ଣ୍ଣ ଓ ଦଳିତଙ୍କ ମଧ୍ୟରେ ଥିବା ଭେଦଭାବକୁ ଦୂର କରିବା। ସମାଜରେ ଥିବା ଏଇ ସଂକୀର୍ଣ୍ଣ ମନୋଭାବକୁ ଦୂର କରିବା ପାଇଁ ସେ ଅନେକ ସଭା, ସମିତି, ଶୋଭାଯାତ୍ରା, ପୂଜା ପାଠ, ଭଜନ କୀର୍ତ୍ତନ ଇତ୍ୟାଦି ସବର୍ଣ୍ଣ ଓ ଦଳିତଙ୍କୁ ନେଇ ମିଳିତ ଭାବେ ଆୟୋଜନ କରିଥିଲେ।

ଗାନ୍ଧିଜୀ ଯେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ତା ନୁହେଁ ସେ ଜଣେ ସମାଜସେବୀ, ସମାଜ ସୁଧାରକ, ନାରୀ ଶିକ୍ଷାର ପୃଷ୍ଠ ପୋଷାକ, ନାରୀ ସଶକ୍ତିକରଣର ପୃଷ୍ଠପୋଷକ, ସ୍ୱଦେଶୀ ଜାଗରଣର ପୁରୋଧା ମଧ୍ୟ ଥିଲେ, ସମାଜରେ ଥିବା ସତୀ ପ୍ରଥା ଭଳି ଅନେକକୁ ପ୍ରଥା ଏବଂ ନିଶା ନିବାରଣ ସପକ୍ଷରେ ସେ ଲଢିଛନ୍ତି।

ଆଜିର ସମାଜରେ ଗୋଟାଏ ଗୋଷ୍ଠୀ ଗାନ୍ଧିଜୀଙ୍କ ବିଚାରଧାରା ଏବଂ ନିଷ୍ଠାକୁ ନେଇ ପ୍ରଶ୍ନ କରିବାରେ ଲାଗିଛନ୍ତି, ସ୍ୱାଧୀନତା ସଂଗ୍ରାମ ଏବଂ ପରେ ପରେ ଅଖଣ୍ଡ ଭରତର ବିଭାଜନ ଭଳି ଅନେକ ଘଟଣାରେ ଗାନ୍ଧିଜୀଙ୍କ ଭୂମିକାକୁ ଇତିହାସର ତଥ୍ୟ ଦ୍ୱାରା ମୂଲ୍ୟାଙ୍କନ କିମ୍ବା ବିଶ୍ଲେଷଣ ନ କରି ଇତିହାସର ତଥ୍ୟକୁ ଭୁଲ ରୂପେ ବ୍ୟାଖ୍ୟା କରି ତାଙ୍କ ପ୍ରତି ସମାଜରେ ଘୃଣା ଭାବ ସୃଷ୍ଟି କରିବାରେ ଲାଗିଛନ୍ତି। ଜଣେ ସାଧାରଣ ମଣିଷ ଭାବେ ହୁଏତ ତାଙ୍କ କିଛି ନିଷ୍ପତ୍ତି ସାଂପ୍ରତିକ ସମୟ ସହିତ ମେଳ ନ ଖାଇପାରେ ପରନ୍ତୁ ତାଙ୍କୁ ଘୃଣା କରିବା କେତେଦୂର ଯଥାର୍ଥ। ୧୮୮୮ ମସିହାରେ ଗାନ୍ଧୀଜୀ ବ୍ରିଟେନ ଯାଇଥିଲେ ଓକିଲାତି ପଢିବାକୁ ଏବଂ ଓକିଲାତି ଡିଗ୍ରୀ ପରେ ସେ ୧୮୯୩ରେ ଦକ୍ଷିଣ ଆଫ୍ରିକା ରେ ଓକିଲାତି କରିବାକୁ ଯାଇଥିଲେ। ଏଥିରୁ ସ୍ପଷ୍ଟ ଯେ ଗାନ୍ଧିଜୀଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ଥିଲା ତା ନ ହୋଇଥିଲେ ସେ ସମୟରେ ଓକିଲାତି ପଢିବାକୁ ବ୍ରିଟେନ ଯାଇ ନଥାନ୍ତେ। ସୁଟ୍ ବୁଟ୍ ପିନ୍ଧା ଜଣେ ଉଚ୍ଚ ଶିକ୍ଷିତ ଓକିଲାତି କରିଥିବା ଯୁବକ ଚାହିଁଥିଲେ ବ୍ରିଟିଶ ସରକାରଙ୍କ ଅଧୀନରେ ଓକିଲାତି କରି ବେସ ଅର୍ଥ ଉପାର୍ଜନ କରି ନିଜକୁ ପ୍ରତିଷ୍ଠିତ କରି ପାରିଥାନ୍ତେ ପରନ୍ତୁ ତାହା ସେ ନକରି ଓଲଟା ଦକ୍ଷିଣ ଆଫ୍ରିକାରୁ ଆସି ଭାରତୀୟ ଜାତୀୟ ସଂଗ୍ରାମରେ ଯୋଗ ଦେଇ ତାଙ୍କୁ କଣ ମିଳିଲା ? ଆଣ୍ଠୁ ଉପରକୁ ଖଣ୍ଡେ ଧୋତି, ଦେହରେ ଗୋଟେ ଗାମୁଛା ଏଇ ଥିଲା ତାଙ୍କ ପିନ୍ଧା ବସ୍ତ୍ର, ଆଜିର ସମାଜରେ କିଏ ଏମିତି ନିଜର ବିଳାସ ବ୍ୟସନ ଜୀବନକୁ ପରିତ୍ୟାଗ କରି ସାଧାରଣ ଜୀବନ ଜାପନ କରିବାକୁ ରାଜି ହେବ ? ସାଧାରଣ ଜୀବନ ବିତାଇବା ଗାନ୍ଧିଜୀଙ୍କ ଲକ୍ଷ ଥିଲା ସେ ଜାଣିଥିଲେ ଭାରତ ବର୍ଷ ଏକ ଗରିବ ଦେଶ ଯେଉଁଠି ଲୋକେ ଦୁଇ ବେଳା ଭଲରେ ଖାଇବାକୁ ପାଆନ୍ତି ନାହିଁ ସେ ସ୍ଥଳେ ସେ ବିଳାସ ବ୍ୟସନ ଜୀବନ କେମିତି ବିତାଇବେ ! ଆଜି ଯେମିତି ଭ୍ରଷ୍ଟ ନେତା ମାନଙ୍କୁ ସେମାନଙ୍କ ପ୍ରଶଂସକ ଇଶ୍ୱରଙ୍କ ସହିତ ତୁଳନା କରୁଛନ୍ତି ଏବଂ ଇଶ୍ୱରଙ୍କ ଚିତ୍ର ସହିତ ତାଙ୍କ ଫୋଟକୁ ଯୋଡି ଦର୍ଶାଉଛନ୍ତି ଏବଂ ଏହାକୁ ସେଇ ନେତା ମାନେ ବିରୋଧ କରିବା ପରିବର୍ତ୍ତେ ନୀରବ ରହୁଛନ୍ତି ତାହା ଅତ୍ୟନ୍ତ ଦୁଖଦ ପରନ୍ତୁ ଗାନ୍ଧିଜୀ ଏହାର ଘୋର ବିରୋଧୀ ଥିଲେ ତାଙ୍କୁ ଯେତେବେଳେ ଇଶ୍ୱରଙ୍କ ସହିତ ତୁଳନା କରଯାଇଥିଲା ସେ ଏହାର ଘୋର ବିରୋଧ କରିବା ସହିତ ସେ ନିଜକୁ ଜଣେ ସାଧାରଣ ଦକ୍ଷତା ଥିବା ସାଧାରଣ ମଣିଷ ବୋଲି କହିଥିଲେ। ଏଇଥିପାଇଁ ଗାନ୍ଧିଜୀକୁ ମହାନ କୁହାଯାଏ। ଗାନ୍ଧୀଜି ଯଦି ସ୍ୱାର୍ଥପର ହୋଇଥାନ୍ତେ ତେବେ ଭରତ ସ୍ୱାଧୀନତା ପରେ ସେ ନିର୍ବିରୋଧ କୌଣସି ପଦବୀ ରେ ନିଜକୁ ସ୍ଥାପିତ କରି ପାରିଥାନ୍ତେ ପରନ୍ତୁ ସେ ସମସ୍ତ ପଦ ପଦବୀଠୁ ନିଜକୁ ଦୂରେଇ ରଖିଥିଲେ। ଆଜିର ପରିସ୍ଥିତିରେ ଏମିତି କେହି ନେତା ଅଛନ୍ତି ଯିଏ ପଦ ପଦବୀକୁ ତ୍ୟାଗ କରି ଏକ ସରଳ ଜୀବନ ଜାପନ କରି ପାରିବେ।

ଆମେ ବିକାଶ ପଥରେ ଯେତେ ଆଗକୁ ବଢିଲେ ମଧ୍ୟ ଗାନ୍ଧୀଜିଙ୍କ ସିଦ୍ଧାନ୍ତ ଏବଂ ତାଙ୍କ ବିଚାରଧାରାକୁ ବାଦ ଦେବା ଅସମ୍ଭବ ପ୍ରାୟ। ଭାରତୀୟ ସମାଜର କଥା ହେଲା ବେଳେ ଗାନ୍ଧିଜୀଙ୍କ ବିଚାରଧାରା ବିନା ତାହା ପୂର୍ଣ୍ଣ ହୋଇ ପାରେନା। ଗାନ୍ଧୀ ଆଜି ମଧ୍ୟ ସେତିକି ପ୍ରାସଙ୍ଗିକ ଏବଂ ଅନୁକରଣୀୟ ଯେତିକି ସେ ସମୟରେ ଥିଲେ। ତାଙ୍କର ସାମାଜିକ, ରାଜନୈତିକ ବିଚାର, ସତ୍ୟାଗ୍ରହ, ଖାଦି, ଗ୍ରାମୋଦ୍ୟୋଗ, ନାରୀ ଶିକ୍ଷା, ଛୁଆଁ ଅଛୁଆଁ, ସ୍ୱାବଲମ୍ବି ଏବଂ ଅନ୍ୟ ସାମାଜିକ ଚେତନାର ବିଷୟ ଆଜିର ଯୁବ ପିଢୀ ମାନଙ୍କ ଦ୍ୱାରା ଗବେଷଣା ଏବଂ ଶିକ୍ଷାର କ୍ଷେତ୍ର। ଆଜିର ସମୟରେ ସତ୍ୟ, ଅହିଂସା, ଶାନ୍ତି, ମୈତ୍ରୀ, ସଂଯମତା ଭଳି ଆଦର୍ଶ ସମାଜ ପାଇଁ ଅଧିକ ପ୍ରାସଙ୍ଗିକ ଅନୁଭୂତ ହୁଏ ଯେଉଁଠି ଅଧିକ ଲୋଭ, ହିଂସା, ଘୃଣା, ଅଶାନ୍ତି ଏବଂ ଅଧିକ ଧାଆଁ ଦୌଡ ଭରା ଜୀବନ ଶୈଳୀର ସମାଧାନ ଖୋଜିବାର ପ୍ରୟାସ କରିଥାଏ।

ଆମେରିକାର ମାର୍ଟିନ ଲୁଥର, ଦକ୍ଷିଣ ଆଫ୍ରିକାର ନେଲସନ୍ ମାଣ୍ଡେଲା ଏବଂ ମ୍ୟାମାରର ଯୁଙ୍ଗ ସାନ୍ ସୁ କି ଭଳି ମହାନ ବ୍ୟକ୍ତି ଗଣ ଦଳିତ, ଅବହେଳିତ ସମାଜକୁ ନ୍ୟାୟ ଦେବା ପାଇଁ ଗାନ୍ଧୀଜୀଙ୍କ ବିଚାରଧାରାକୁ ପ୍ରୟୋଗ କରି ସଫଳ ହୋଇଛନ୍ତି। ଭାରତ ତଥା ବିଶ୍ୱ ଇତିହାସରେ ଗାନ୍ଧି ଏମିତି ଏକ ନାମ ଯାହାକୁ ଘୃଣା କରିବା ପାଇଁ ବାହାନା ଖୋଜିବାକୁ ପଡିବ ପରନ୍ତୁ ତାଙ୍କୁ ଭଲ ପାଇବା ପାଇଁ ହଜାରେ କାରଣ ବିଦ୍ୟମାନ। ଗାନ୍ଧୀ କେବଳ ଏକ ଉପନାମ ନୁହେଁ ଗାନ୍ଧୀ ଏକ ବିଚାରଧାରାର ଏମିତି ଏକ ବ୍ରାଣ୍ଡ ଯାହା ସମାଜର ସବୁ ସମୟରେ ତାର ପ୍ରାସଙ୍ଗିକତା କୁ ଅନୁଭବ କରାଇବ। ଗାନ୍ଧିଜୀ ଆଜି ନାହାନ୍ତି ସତ୍ୟ ପରନ୍ତୁ ତାଙ୍କ ବିଚାରଧାରା ତାଙ୍କୁ ଏମିତି ଆମର କରି ରଖିବ ବିଶ୍ୱ ଇତିହାସର ସୁବର୍ଣ୍ଣ ପୃଷ୍ଠାରେ।

+ବାଳକାଟି, ଆଳି,
କେନ୍ଦ୍ରାପଡ଼ା
ମୋ.୯୭୧୧୦୬୯୪୨୫



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ଡିସେମ୍ବର ୨୦୨୩, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିର୍ବାଚନୀ ବଜେଟ ଓ ପ୍ରତ୍ୟାଶା...

୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବଜେଟ୍‌ର ଆକାର ପ୍ରକାର କିଭଳି ହେବ, ତାହା ନେଇ ବିଭିନ୍ନ ମହଲରେ ଉତ୍ସୁକତା ଦେଖାଦେଇଛି । ଅର୍ଥଶାସ୍ତ୍ରୀମାନେ ଆସନ୍ନ ବଜେଟ୍‌ରେ କିଭଳି ସମ୍ଭାବ୍ୟ ସ୍ଥିତି ରହିବ, ତାହା ନେଇ ଅଙ୍କ କଷିବାରେ ଲାଗିଛନ୍ତି । ଆର୍ଥିକ ବର୍ଷର କେନ୍ଦ୍ର ବଜେଟ୍ ଉପରେ ଦୁଇ-ଅଢ଼େଇ ବର୍ଷର କରୋନା ମହାମାରୀ ପ୍ରଭାବ ତ' ଏମିତିରେ ରହିବ । ମାତ୍ର ତଦ୍‌ଜନିତ କୁପ୍ରଭାବ କାଟି କିଭଳି ନୂତନ ଆଶା ସଂଚାରିତ ହେବ, ସେଥିପାଇଁ ବିଶେଷଜ୍ଞମାନଙ୍କୁ ନେଇ ଉପଦେଷ୍ଟାମଣ୍ଡଳୀ ଅନେକ କ୍ଷେତ୍ର ଉପରେ ହିସାବ ନିକାଶ ଚଳାଇବାରେ ବ୍ୟସ୍ତ ଅଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତା ରମଣ, ଅର୍ଥ ତଥା ରାଜସ୍ୱ ସଚିବ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସହ ବିଚାର ବିମର୍ଶ କରି ନୂତନ ବଜେଟ୍‌କୁ ଚୂଡ଼ାନ୍ତ ରୂପ ଦେବାରେ ଲାଗିଛନ୍ତି । ତାହା ପାଇଁ ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କ ସହ ନିଜେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ପରାମର୍ଶ ପ୍ରକ୍ରିୟା ଚଳାଇବା ପରେ କିଛିଦିନ ପରେ ସଂସଦରେ ବଜେଟ୍ ଉପସ୍ଥାପିତ ହେବାକୁ ଯାଉଛି । ଉଦ୍ୟୋଗପତି, ଶିଳ୍ପପତି, ଆୟକରଦାତା, ବେତନଭୋଗୀ କର୍ମଚାରୀଙ୍କ ଭିତରେ ବଜେଟ୍‌ରୁ ଅନେକ ପ୍ରତ୍ୟାଶା ରହୁଛି । ଚଳିତ ୨୦୨୩ ଓ ୨୦୨୪ ବର୍ଷ ହେଉଛି ନିର୍ବାଚନର ବର୍ଷ । ଗତବର୍ଷ ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ହୋଇଯାଇଛି । ଚଳିତ ବର୍ଷ ନଅଟି ରାଜ୍ୟ ଭିତରୁ କେତୋଟିରେ ବର୍ତ୍ତମାନଠାରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି । ନିର୍ବାଚନ ପୂର୍ବରୁ ଏହା ସମ୍ଭବତଃ ଶେଷ ବଜେଟ । ସୁତରାଂ ଅର୍ଥନୀତିର ବିଭିନ୍ନ ଦିଗକୁ ପ୍ରଭାବିତ କରୁଥିବା କେନ୍ଦ୍ର ବଜେଟ୍‌ରେ ପୁଞ୍ଜି ବ୍ୟୟ ବୃଦ୍ଧି ଆଶା କରିହେବ । ଟିକସ ରିହାତି ପାଇଁ ଉଭୟ କର୍ମଚାରୀ ମହଲ, ବ୍ୟବସାୟୀ ଓ ଉଦ୍ୟୋଗପତିମାନେ ଆଶା ରଖିଛନ୍ତି । ସଂଚୟ ଉପରେ କେଉଁ ହାରରେ ସୁଧ ମିଳିବ, ଆୟକର ଛାଡ଼ ସୀମା ବୃଦ୍ଧି ହେବ କି ନାହିଁ, ତାହା ଉପରେ ସମସ୍ତଙ୍କର କିଛି ନା କିଛି ଆଶା ରହିବା ସ୍ୱାଭାବିକ । କ୍ରମାଗତ ଅଢ଼େଇ ବର୍ଷ ହେଲା କୋଭିଡ୍ ସଂକଟ ସମସ୍ତଙ୍କୁ ବିଭିନ୍ନ ଭାବରେ ପ୍ରଭାବିତ କରିଛି । ଏପରିକି ଉତ୍କଟ ବେକାରୀ ସମସ୍ୟା, ଉତ୍ପାଦନ ଶିଳ୍ପରେ ଅଭାବନୀୟ ସଙ୍କଟ ହେତୁ ସମୟାନ୍ତରରେ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ ବହୁକୋଟି ଧନରାଶି ମଞ୍ଜୁର କରିଛନ୍ତି । ପ୍ରକୃତରେ ସେହି ଧନରାଶି ଥିଲା ସମୁଦ୍ରକୁ ଶଙ୍ଖେ ଭଳି । ବର୍ତ୍ତମାନ କୋଭିଡ ସଙ୍କଟ ଚୀନ୍ ଓ ଅନ୍ୟ କିଛି ଦେଶରେ ସୀମିତ ରହିଛି । ତାହାର ଉତ୍କଟତାକୁ ଏବେଠାରୁ ଦେଖିପାରି କେତେକ ବହୁରାଷ୍ଟ୍ରୀୟ କମ୍ପାନୀ ହଜାର ହଜାର ଇଂଜିନିୟରମାନଙ୍କୁ ଛଟେଇ କରିବା ଆରମ୍ଭ କଲେଣି । ଆଇଟି ସେକ୍ଟର ଉପରେ ତାହାର କୁପ୍ରଭାବ ନପଡ଼ିବ, କିଏ କହିପାରିବ ? ଫେବୃଆରୀ ପହିଲାରେ କେନ୍ଦ୍ର ବଜେଟ୍ ଆଣିବାକୁ ଯାଉଛନ୍ତି ଅର୍ଥ ମନ୍ତ୍ରୀ ସୀତାରମଣ । ମୋଟା ବଜେଟ୍ ବହି ନୁହେଁ, କେତେବର୍ଷ ହେଲା ଆଧୁନିକ ପଦ୍ଧତିରେ ବଜେଟ୍ ଆସୁଛି । ସାଂସଦମାନେ ନିଜ ଲ୍ୟାପ୍‌ଟପ୍ କିମ୍ବା ଆଇପଡ୍ ଜରିଆରେ ତୁରନ୍ତ ପାଇପାରୁଛନ୍ତି । ଆଶା କରାଯାଉଛି କି, ବଜେଟ୍‌ରେ ଆଶାଠାରୁ ଅଧିକ ପାଣ୍ଠି ମିଳିବ । ସେହିଭଳି ବିଭିନ୍ନ ମହଲକୁ ସନ୍ତୁଷ୍ଟ କରିବା ଭଳି ପାଣ୍ଠି ଏଥର ବଜେଟ୍ ପ୍ରାବଧାନ ଆଶା କରିହେବ । ସେହିଭଳି ବିପର୍ଯ୍ୟସ୍ତ ସ୍ଥିତିରେ ଥିବା ବିମାନ ଓ ପର୍ଯ୍ୟଟନ ଶିଳ୍ପ ପୁନରୁଦ୍ଧାର ପାଇଁ ଆଗାମୀ ବଜେଟ୍‌ରୁ ଅଧିକ ପାଣ୍ଠି ପାଇବା ନେଇ ଆଶା ରଖାଯାଇଛି । ଇନ୍ଧନ ଗ୍ୟାସ୍ ଏହା ଭିତରେ ଅହେତୁକ ବୃଦ୍ଧି ଫଳରେ ହାଣ୍ଡିଶାଳରେ ଚଡ଼କ ପଡ଼ିଛି । ସେଥିରୁ ଗୃହିଣୀମାନେ କିଭଳି ରିହାତି ପାଇବେ, ସେହି ଚିନ୍ତାରେ ରହିଥିବା ସ୍ୱାଭାବିକ । ଗତ ଦୁଇ-ତିନିଥର ବଜେଟ୍‌ରେ ଇ-ଯାନ ଓ ଡିଜିଟାଲ ପେମେଣ୍ଟ ଉପରେ ସରକାର ଗୁରୁତ୍ୱ ଦେଇଆସୁଛନ୍ତି । ଏଥର ଇ-ଯାନରେ ଅଧିକ ସବ୍‌ସିଡି, ତାହା ଯାନବାହାନ ବିକ୍ରିବଟାକୁ ଅଧିକ ଉତ୍ସାହିତ କରିବ । ତାହା ବ୍ୟତୀତ ସମସ୍ୟାକୁ ଉତ୍କଟ କରିଚାଲିଥିବା ବାୟୁ ପ୍ରଦୂଷଣ ରୋକାଯିବା ସହାୟକ ହେବ । ପ୍ରଧାନମନ୍ତ୍ରୀ ପ୍ରାରମ୍ଭରୁ କହିଆସିଛନ୍ତି କି, ମହିଳାମାନଙ୍କୁ ଚୁଲିଧୂଆଁରୁ ମୁକ୍ତ କରିବାକୁ ସଂକଳ୍ପସିଦ୍ଧା ପଦକ୍ଷେପ ନେବାକୁ ହେବ । ସେ ଦିଗରେ ଗ୍ୟାସଚୁଲ୍ଲା ଯୋଗାଣ ବଳିଷ୍ଠ ପଦକ୍ଷେପ କହିବାକୁ ହେବ । ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଉପରୁ ଦରଦାମ୍ ବୃଦ୍ଧି ଉପରେ, ନିର୍ମାଣ ସାମଗ୍ରୀ ମୂଲ୍ୟ ଉପରେ ନିୟନ୍ତ୍ରଣ କଷିବା କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷେ ଆହ୍ୱାନ ସଦୃଶ ହେବ ବୋଲି ତଦ୍‌ବିଦ୍ ମହଲ କଳନା କରୁଛନ୍ତି । ନିର୍ବାଚନ ବର୍ଷରେ ଏହି ବଜେଟ୍ କିଭଳି ଟାଣଟୁଣ ହେବ, ତାହା ପର୍ଯ୍ୟାଲୋଚକଙ୍କ ବିଚାରର ବିଷୟ ହେବ ।

# ଶ୍ରୀପଞ୍ଚମୀ



## ନିରୂପମା ଭୂୟାଁ

ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ। ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ। ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତ ପ୍ରାୟ ଶାନ୍ତ ରହିଛି। ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ। ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ। ବ୍ରହ୍ମଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ। କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ। ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ। ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ। ବୀଣାରେ ସୃଷ୍ଟିର ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ। ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା। ସା' ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୂକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା। ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା। ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା। ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ। ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ। ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣୀ ନାମରେ ଖ୍ୟାତ ହେଲେ।

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ। ତାଙ୍କର ତେଜ ଦିବ୍ୟ ଓ ଅପରିମେୟ। ତାଙ୍କୁ ଶବ୍ଦ ବ୍ରହ୍ମ ରୂପେ ପୂଜନ କରାଯାଏ। ସୃଷ୍ଟି କାଳରୁ ଈଶ୍ୱରଙ୍କ ଇଚ୍ଛାରେ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ। ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ ରୂପରେ ପ୍ରକଟ ହୋଇଥିଲେ। ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଉତ୍ପନ୍ନ ହୋଇଥିବା ଦେବୀଙ୍କ ନାମ ସରସ୍ୱତୀ ରଖାଯାଇଥିଲା। ଶ୍ରୀମଦ୍‌ଭାଗବତ୍ ଓ ଶ୍ରୀଦୁର୍ଗା ସପ୍ତଶତୀରେ ଆଦ୍ୟାଶକ୍ତି ତିନି ରୂପରେ ବିଭକ୍ତ ହୋଇଥିବା ବର୍ଣ୍ଣିତ ଅଛି। ସେହି ତିନି ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ। ଭଗବତୀ ସରସ୍ୱତୀ ସତ୍ୱଗୁଣସମ୍ପନ୍ନ। ଯେମିତିକି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ।

ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,
କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୯୩୭୪୭୦୯୮୦



# ବସନ୍ତ ଫଂଚମୀ



## ଗୋପୀନାଥ ଦାଶ

ମାଘ ମାସ ଶୁକ୍ଳପଞ୍ଚମୀକୁ ଶ୍ରୀପଞ୍ଚମୀ ଭାବେ ପାଳନ କରାଯାଏ। ଋତୁରାଜ ବସନ୍ତ ମନ୍ଦ ମଳୟରେ ଫୁଲର ସୁରଭି ଭରି ସ୍ୱାଗତ କରେ ବିଦ୍ୟାଦାୟିନୀ ମା'ସରସ୍ୱତୀଙ୍କୁ। ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇଥାଏ ଗୁପ୍ତ ନବରାତ୍ର। ଏହି ଗୁପ୍ତ ନବରାତ୍ରରେ ଦୈବୀ ଶକ୍ତିଙ୍କର ପୂର୍ଣ୍ଣ ପ୍ରଭାବ ଥାଏ। ମା' ଯୋଗମାୟା ଆଦ୍ୟାଶକ୍ତିଙ୍କ କଣ୍ଠରୁ ସରସ୍ୱତୀ ସମ୍ଭୂତା। ମା'ସରସ୍ୱତୀ, ମା'ଲକ୍ଷ୍ମୀ ଓ ମା'କାଳୀ ଆଦ୍ୟାଶକ୍ତିଙ୍କର ତିନୋଟି ସ୍ୱରୂପ। ମାଘ ଶୁକ୍ଳ ପଞ୍ଚମତୀରେ ଆଦ୍ୟାଶକ୍ତି ମହାସରସ୍ୱତୀ ସ୍ୱତନ୍ତ୍ର ରୂପେ ପୂଜା ପାଇଥାନ୍ତି। ଏହି ଦିନ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ହଂସବାହିନୀ, ବୀଣା ପୁସ୍ତକ ଧାରିଣୀ ବାକ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅତ୍ୟନ୍ତ ନିଷ୍ଠା ଓ ବିଧିବିଧାନର ସହ ପାଳନ କରାଯାଏ। ପ୍ରାଚୀନ କାଳରେ ରାଜା ମହାରାଜାମାନେ ଏହି ଦିନକୁ କୌମୁଦୀ ମହୋତ୍ସବ ରୂପେ ପାଳନ କରୁଥିଲେ। ବିଭିନ୍ନ ପ୍ରକାର ଫୁଲରେ ରାଜ ଉଆସ ସୁସଜ୍ଜିତ ହେଉଥିଲା, ଫୁଲ ଦୋଳିରେ ରାଜାରାଣୀ ଦୋଳି ଖେଳୁଥିଲେ। ମାଘ ପଞ୍ଚମୀରେ ଗୋପୀମାନେ ମଧ କୃଷ୍ଣଙ୍କ ସହ ରାସ ଉତ୍ସବ ପାଳନ କରୁଥିଲେ। ଶାସ୍ତ୍ର ଅନୁସାରେ, ଶ୍ରୀପଞ୍ଚମୀ ଦିନ ବିବାହ, ନିର୍ବନ୍ଧ କାର୍ଯ୍ୟ କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଞ୍ଚପଲ୍ଲବ ଲାଗିହୁଏ। ଏଥିସହ ରଥଯାତ୍ରାର ରଥ ନିର୍ମାଣ ପାଇଁ ପ୍ରଥମ କରି ରଥକାଠ ବନବିଭାଗରୁ ଶ୍ରୀକ୍ଷେତ୍ରକୁ ଆସି ରାଜନଅର ସମ୍ମୁଖରେ ତିନିବାଡ଼ର ତିନିରଥ ନିର୍ମାଣ ନିମନ୍ତେ ତିନିଗୋଟି କାଠକୁ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଇ ଶୁଭ ଦିଆଯାଏ। ଏଥିସହ ଶ୍ରୀମନ୍ଦିରରେ ମଧ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିବସରେ ଶ୍ରୀଜୀଉମାନଙ୍କର ସନ୍ଧ୍ୟାଧୂପ ପରେ ମନ୍ଦିରରେ ମାଦଳାପାଞ୍ଜି ପୂଜା କରାଯାଏ। ଶ୍ରୀଜଗନ୍ନାଥ ନିଜେ ପୌଷମାସ ଶେଷ ହୁଅନ୍ତେ ମାଘ ଶୁକ୍ଳପଞ୍ଚମୀ ତିଥିରୁ ଶୀତବସ୍ତ୍ର ପରିହାର କରି ଗୌରବର୍ଣ୍ଣର ବସ୍ତ୍ର ପରିଧାନ କରନ୍ତି। ବସନ୍ତ ଆଗମନରେ ପ୍ରଭୁ ନିଜେ ସମସ୍ତ ବିଳାସ ତ୍ୟାଗ କରି ବ୍ରହ୍ମଚାରୀ ବେଶରେ ସମୟ ଅତିବାହିତ କରିବାକୁ ଏବଂ ସଂଯମୀ ହେବାକୁ ଭକ୍ତଙ୍କୁ ଆହ୍ୱାନ ଦେଇଥାନ୍ତି। ବୈଷ୍ଣବ ମତରେ ପ୍ରଭୁ ଶ୍ରୀରାମଙ୍କର ଏହା ବନଗମନ ସମୟ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ
ବାଳାଶ୍ରମ, ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୮୮୯୫୨୯୬୧୬୭

# ବସନ୍ତ ପଞ୍ଚମୀର ଇତିବୃତ୍ତ

## କସ୍ତୁରୀ ଚରଣ ରାଉତ



ବସନ୍ତ ପଞ୍ଚମୀ ଶ୍ରୀପଞ୍ଚମୀ ଏବଂ ସରସ୍ୱତୀ ପୂଜା ନାମରେ ଜଣାଶୁଣା । ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହା ପାଳନ କରାଯାଏ । ଏହି ଦିନ ମାତା ସରସ୍ୱତୀଙ୍କୁ ପୂଜା କରାଯାଏ। ମାତା ସରସ୍ୱତୀଙ୍କୁ ଜ୍ଞାନ, ସଙ୍ଗୀତ, କଳା, ବିଜ୍ଞାନ ଏବଂ ହସ୍ତଶିଳ୍ପର ଦେବୀ ଭାବରେ ବିବେଚନା କରାଯାଏ । ଏ ଦିନଟି ବିଦ୍ୟାରମ୍ଭ କିମ୍ବା ଅକ୍ଷର ଅଭ୍ୟାସ ପାଇଁ ଅତ୍ୟନ୍ତ ଶୁଭ ହୋଇଥିବାରୁ ଏହି ଦିନ ପିତାମାତା ଦେବୀ ସରସ୍ୱତୀଙ୍କ ଆଶୀର୍ବାଦରେ ନିଜ ପିଲାଙ୍କ ଶିକ୍ଷା ଆରମ୍ଭ କରନ୍ତି । ପାରମ୍ପରିକ ଭାବରେ ପିଲାମାନଙ୍କୁ ଏହି ଦିନ ସେମାନଙ୍କର ପ୍ରଥମ ଶବ୍ଦ ଲେଖିବାକୁ ଶିକ୍ଷା ଦିଆଯାଏ ।

ବସନ୍ତ ପଞ୍ଚମୀଙ୍କୁ ମାଆ ସରସ୍ୱତୀଙ୍କ ଜନ୍ମଦିନ ମଧ କୁହାଯାଏ, ତେଣୁ ଏହାକୁ ମା ସରସ୍ୱତୀଙ୍କ ଜନ୍ମଦିନ ଭାବରେ ପାଳନ କରାଯାଏ । ଏହା ପଛରେ ଏକ ଛୋଟ କାହାଣୀ ଅଛି - 'ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ, ଯେତେବେଳେ ଭଗବାନ ବ୍ରହ୍ମା ବ୍ରହ୍ମାଣ୍ଡ ସୃଷ୍ଟି କଲେ, ସବୁ ସ୍ଥାନରେ ଶାନ୍ତି ବିରାଜମାନ କରୁଥିଲା, କୌଣସି ସ୍ଥାନରୁ କିଛି ଶବ୍ଦ ଶୁଣିବାକୁ ମିଳୁ ନଥିଲା। ତେଣୁ ବିଷ୍ଣୁଙ୍କ ଆଦେଶରେ ବ୍ରହ୍ମା ନିଜ କମଣ୍ଡଳୁରୁ ଜଳ ନେଇ ପୃଥିବୀରେ ଛିଞ୍ଚିଥିଲେ, ଯେଉଁଥିରୁ ଏକ ଚମତ୍କାର ଶକ୍ତି ଏବଂ ଚତୁର୍ଭୁଜ ହାତ ଥିବା ଜଣେ ମହିଳାଙ୍କ ସୃଷ୍ଟି ହେଲା ଯାହାଙ୍କର ହାତରେ ବୀଣା, ମାଳ, ପୁସ୍ତକ ଇତ୍ୟାଦି ଥିଲା । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଯେତେବେଳେ ସେ ବୀଣା ବାଦନ କଲେ ପୃଥିବୀର ସବୁଆଡ଼େ ଶବ୍ଦର ଗୁଞ୍ଜରଣ ସୃଷ୍ଟି ହେଲା। ସେତେବେଳେ ବୀଣାର ଦେବୀଙ୍କୁ ବ୍ରହ୍ମା ସରସ୍ୱତୀ ବୋଲି ସମ୍ବୋଧନ କରିଥିଲେ । ଦେବୀ ସରସ୍ୱତୀ ବିଦ୍ୟା, ଜ୍ଞାନ ଏବଂ ସଙ୍ଗୀତର ଦେବୀ ଭାବରେ ମଧ ଜଣାଶୁଣା । ଏହିସବୁ କାରଣରୁ ଏହି ଦିନକୁ ମାଆ ସରସ୍ୱତୀଙ୍କ ଜନ୍ମଦିନ ଭାବରେ ପାଳନ ମଧ କରାଯାଏ ।

ଏହି ଦିନ ହଳଦିଆ ରଙ୍ଗର ମହତ୍ତ୍ୱ ରହିଛି । ବସନ୍ତର ରଙ୍ଗ ହୋଇଥିବାରୁ ହଳଦିଆକୁ 'ବାସନ୍ତୀ' ରଙ୍ଗ ମଧ କୁହାଯାଏ । ଏହି ରଙ୍ଗ ସମୃଦ୍ଧତା, ଆଲୋକ, ଶକ୍ତି ଏବଂ ଆଶୀର୍ବାଦର ପ୍ରତୀକ ଅଟେ । ଏହି କାରଣରୁ ଲୋକମାନେ ହଳଦିଆ ରଙ୍ଗର ପୋଷାକ ପିନ୍ଧନ୍ତି ଏବଂ ହଳଦିଆ ରଙ୍ଗରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରନ୍ତି ।

ଲୋକ କଥା ଅନୁଯାୟୀ ଧନ ଏବଂ ସମୃଦ୍ଧି ପାଇଁ ଏହି ବସନ୍ତ ପଞ୍ଚମୀ ଦିନ ସାପମାନଙ୍କୁ କ୍ଷୀର ପିଇବାକୁ ଦିଆଯାଏ। ଗୁଡ଼ି ଉଡ଼ାଇବା ଭାରତରେ ଏକ ଲୋକପ୍ରିୟ ଖେଳ ଅଟେ, ଯାହା ବସନ୍ତ ପଞ୍ଚମୀ ସହିତ ଜଡିତ । ବିଶେଷ କରି ପଞ୍ଜାବରେ ଗୁଡ଼ି ଉଡ଼ାଇବାର ଏକ ନିଆରା ପରମ୍ପରା ରହିଛି ।

- ବସନ୍ତ ପଞ୍ଚମୀ ଦିନ, ହୋଲିକା ମୂର୍ତ୍ତି ସହିତ କାଠ ସଂଗ୍ରହ କରାଯାଇ ଏକ ସର୍ବସାଧାରଣ ସ୍ଥାନରେ ରଖାଯାଏ । ହୋଲିର ଗୋଟିଏ ଦିନ ପୂର୍ବରୁ, ଭକ୍ତମାନେ ହୋଲିକା ଦହନ କରନ୍ତି ଯେଉଁଥିରେ ଛୋଟ କାଠିକୁଟା ଏବଂ ଅନ୍ୟାନ୍ୟ ଜାଳେଣୀ ସାମଗ୍ରୀ ମଧ ପକାଯାଇଥାଏ ।

ଆମ ଭାରତରେ, ମିଠା ବିନା କୌଣସି ପର୍ବ ଅସମ୍ପୂର୍ଣ୍ଣ - ଆସନ୍ତୁ ଦେଖିବା ଏହି ଦିନ ବିଭିନ୍ନ ସ୍ଥାନରେ କେଉଁ ମିଠା ଖାଦ୍ୟ ପ୍ରସ୍ତୁତ ହୁଏ ।

ପଶ୍ଚିମବଙ୍ଗରେ ମାଆ ସରସ୍ୱତୀଙ୍କୁ ବୁନ୍ଦି, ଲଡ୍ଡୁ ଏବଂ ମିଠା ଭାତ ଅର୍ଥାତ କାନିକା ଦିଆଯାଏ । ବିହାରରେ ମାଲ ପୁଆ, ଖିରୀ ଏବଂ ବୁନ୍ଦି ମାତା ସରସ୍ୱତୀଙ୍କୁ ଅର୍ପଣ କରାଯାଏ । ଉତ୍ତରପ୍ରଦେଶରେ ଭଗବାନ କୃଷ୍ଣଙ୍କୁ ଅରୁଆ ଭାତ ଅର୍ପଣ କରାଯାଏ ।

ପଞ୍ଜାବରେ ଏହି ଦିନ ମିଠା ଭାତ, ମକାର ରୁଟି ଓ ସୋରିଷ ଶାଗ ଖାଆନ୍ତି । ଅଅଅଅଅ

ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ, ବଲାଙ୍ଗିର.
ମୋ: ୮୯୧୭୩୯୭୩୪୮

# ମା'ସରସ୍ୱତୀଙ୍କ ଆରାଧନା ପର୍ବ



## ଜୟନ୍ତୀ ପଣ୍ଡା

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ। ସେ ମୂଳସ୍ଥାନ ଅମୃତମୟ ପ୍ରକାଶପୁଞ୍ଜ ଅଟନ୍ତି। ଯେଉଁଠାରୁ ସେ ନିଜ ଉପାସକଙ୍କ ପାଇଁ ନିରନ୍ତର ୫୦ ଅକ୍ଷର ରୂପରେ ଜ୍ଞାନାମୃତର ଧାରା ପ୍ରବାହିତ କରନ୍ତି। ତାଙ୍କର ତେଜ ଦିବ୍ୟ ଓ ଅପରିମେୟ। ତାଙ୍କୁ ଶବ୍ଦ ବ୍ରହ୍ମ ରୂପେ ପୂଜନ କରାଯାଏ। ସୃଷ୍ଟି କାଳରୁ ଈଶ୍ୱରଙ୍କ ଇଚ୍ଛାରେ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ। ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ ରୂପରେ ପ୍ରକଟ ହୋଇଥିଲେ। ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଉତ୍ପନ୍ନ ହୋଇଥିବା ଦେବୀଙ୍କ ନାମ ସରସ୍ୱତୀ ରଖାଯାଇଥିଲା। ଶ୍ରୀମଦ୍‌ଭାଗବତ୍ ଓ ଶ୍ରୀଦୁର୍ଗା ସପ୍ତଶତୀରେ ଆଦ୍ୟାଶକ୍ତି ତିନି ରୂପରେ ବିଭକ୍ତ ହୋଇଥିବା ବର୍ଣ୍ଣିତ ଅଛି। ସେହି ତିନି ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ।

ଭଗବତୀ ସରସ୍ୱତୀ ସତ୍ୱଗୁଣସମ୍ପନ୍ନ। ଏହାଙ୍କର ଅନେକ କାମ ରହିଛି। ଯେମିତିକି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ।

+ ଫରିଦାବାଦ, ହରିଆନା




## ସାଧାଣତନ୍ତ୍ର ଦିବସ

### ଅମିତ୍ କୁମାର ବେହେରା

ହେ ସ୍ୱର ସଙ୍ଗୀତର ଦେବୀ
ବିଦ୍ୟାଦାତ୍ରୀ ମା ସରସ୍ୱତୀ
ଘେନ ମୋର ଭକ୍ତିଭରା
ମଥାଲୋଟା ପ୍ରଣତି ।।
ହେ ଜ୍ଞାନର ଦେବୀ ଜ୍ଞାନେଶ୍ୱରୀ
ଚତୁର୍ଭୁଜା ମା ବାଗୀଶ୍ୱରୀ
ଏ ଅଜ୍ଞାନ ଅକିଞ୍ଚନ
ଅବୋଧର ଶୁଣ ଗୁହାରୀ ।।
ହେ ହଂସ ବାହିନୀ
ଶ୍ୱେତବସ୍ତ୍ର ପରିଧାନୀ ମା ଭଗବତୀ
ଆଶିଷ ଦିଅ ହେ ମା, ପ୍ରକାଶିତ ହଉ
ମୋ ଜ୍ଞାନର ଜ୍ୟୋତି ।।
ତବ କୃପା ହେଲେ ମୂର୍ଖ ହୁଏ ପଣ୍ଡିତ,
ମୂକ ବି ଗାଇ ପାରେ ସଙ୍ଗୀତ
କରି ତୁମ ପାଦ ପୂଜା କାଳିଦାସ ତେ
ହଲେ ମହାକବି ଭାବେ ବିଶ୍ୱବିଖ୍ୟାତ ।
ସେବା ରେ ପ୍ରସନ୍ନ କରି କବିତ୍ୱ
ପାଇଲେ ସିଦ୍ଧ ଶୁଦ୍ରମୁନି ଶାରଳା ଦାସ
ଉଦୟ ହେଲା ତାଙ୍କର ଜ୍ଞାନ ରଚିଲେ
ଗ୍ରନ୍ଥ କବିତା ମାନ କରି ସରସ ।।
ହେ ହଂସବାହିନୀ
ବୀଣାପୁସ୍ତକଧାରିଣୀ ମା ଭାରତୀ
ତୁମ ଠାରେ ଥିଲେ ଧ୍ୟାନ ଲୟ
ଅଜ୍ଞାନ ସବୁ ବାଜି ଯିବ ଜିତି ।।
ହେ ଶୁକ୍ଳ ପଦ୍ମାସନୀ ବୁଦ୍ଧିଦାତ୍ରୀ
ବରଦାୟିନୀ ମା ବ୍ରହ୍ମଚାରିଣୀ
କୃପା କର ମା ସରସ ସୁନ୍ଦର
ହେଉ ମୋ ମୁଖ ନିଶୃତ ବାଣୀ ।।
ତୁମେ ଅକ୍ଷର ତୁମେ ସଂଖ୍ୟା
ତୁମେ ଶାସ୍ତ୍ର ଓ ଶବ୍ଦର ବ୍ୟାଖ୍ୟା
ସ୍ୱରୂପା
ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ
ବ୍ରହ୍ମରୂପିଣୀ ବାଣୀରୂପା ।।
ସତ୍ୟ ସାତ୍ତ୍ୱିକ ନିର୍ମଳ ଜ୍ଞାନ ଲାଭ
କରୁ ଏ ଜଗତ ଦିଅ ଆଶିଷ
ସେଇ ଜ୍ଞାନ ସହା ହଉ ଦୁଷ୍ଟ ଶକ୍ତି
ଦୁଷ୍ଟ ବୁଦ୍ଧିକୁ କରିବାରେ ବିନାଶ ।

+ ରାଜ ବରହମପୁର,
ବାଲେଶ୍ୱର
(ମୋ) ୮୯୦୮୪୮୯୩୨୯

## ବିଦ୍ୟାଦାତ୍ରୀ ସରସ୍ୱତୀ

### ସୁଦର୍ଶନ ମହାପାତ୍ର

ମାଆ ତୁମେ ବିଦ୍ୟା ବୁଦ୍ଧି ଜ୍ଞାନର ଭଣ୍ଡାର
ଦିଅ ମା ଆଶିଷ ଢାଳି ବିକଶୁ ଅନ୍ତର,
ହସ୍ତେ ବୀଣା ପୁସ୍ତକକୁ କରିଛ ଧାରଣ
ଶ୍ୱେତ ପଦ୍ମାସନୀ ମାତ ମରାଳ ବାହାନ ।

ତୁମ କରୁଣାରେ କାଳିଦାସ ମହାଜ୍ଞାନୀ
ତୁମ ଦତ୍ତ ଜ୍ଞାନାଲୋକେ ହସଇ ଧରଣୀ,
ବୀଣାରୁ ଝଙ୍କୃତ ହୁଏ ଅପୂର୍ବ ମୂର୍ଚ୍ଛନା
ମନ ପ୍ରାଣେ ବହିଯାଏ ଖୁସିର ଯମୁନା ।

ଶୁକ୍ଳବସ୍ତ୍ରା ସରସ୍ୱତୀ ମାଆ ସୌଦାମିନୀ
ଜ୍ଞାନ-ବୁଦ୍ଧି-ବିଦ୍ୟା ଦାତ୍ରୀ ମାତା ଶୁଭାଙ୍ଗିନୀ,
ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ
ଆବିର୍ଭୂତା ମାତା ଆଜି ଧରଣୀ ବକ୍ଷରେ ।

ସବୁରି ହୃଦୟେ ବିରାଜ ଆହେ ବୀଣାପାଣି
ତୁମରି ପାଦପଦ୍ମରେ କରୁ ମା' ଦୟିନୀ।

+ କୁଞ୍ଜବିହାରୀ ଲେନ, କଟକ

## ମାଆ ଗୋ ସରସ୍ୱତୀ

### ନୂତନ କୁମାର ବେହେରା

ମାଆ ଗୋ ସରସ୍ୱତୀ ଦେବୀ ଭାରତୀ
କରୁଛି ମିନତି ଶୁଣ ମୋ ଆରତୀ ।
ତୁମେ ବିଦ୍ୟାଦାୟିନୀ ହଂସବାହିନୀ
ଅଜ୍ଞାନ ଜନେ ସଦା ଦିଅ
ଜ୍ଞାନଜ୍ୟୋତି।

ବୀଣା ପୁସ୍ତକ ଧାରଣେ ବିଦ୍ୟା
ଅଧିଷ୍ଠାତ୍ରୀ
ତୁମ କୃପା ବିନା ମିଳେନା ମୁକତି।
କଣ୍ଠେ ବସି କହି ଦିଅ ସତ୍ୟବାଣୀ
ବିନୟେ ଡାକୁଛି ମୁଁ ଯେ ମୂଢ଼ମତି।

ମାଆ ଗୋ ସରସ୍ୱତୀ.......
ପାଇ ତୁମ କରୁଣାର ଶୁଭାଶିଷ,
ମହାପଣ୍ଡିତ ହୋଇଲେ କାଳିଦାସ।
ତୁମ ଶରଣରେ ଅଛି ସାରା ବିଶ୍ୱ,
ସାରଦା ବରଦା ଦିଅ ଜୀବନ୍ୟାସ।

ଜୀବନ ପଥେ ଅମା ଅନ୍ଧକାର ଭରା,
ତୁମ ଛଡ଼ା କିଏ ଦେବ ଗୋ ସାହାରା ?

ମାଆ ଗୋ ସରସ୍ୱତୀ........
ଅଜ୍ଞାନ ଅନ୍ଧାରେ ମୁଁ ଯେ ପଥହରା,
ପାଦେ ପଡ଼ି ତୁମ ହେଉଛି ନେହୁରା।

କରୁଣା କର ମୁଁ ଦୀନ ଅକିଞ୍ଚନ,
କିଞ୍ଚିତ ଜ୍ଞାନ ମୋତେ କର ଗୋ ଦାନ।
ଦୟାରୁ ତୁମ ଝରି ଆସୁ ମମତା,
ଅପସରି ଯାଉ ଯେତେ ଅଜ୍ଞାନତା।
ମାଆ ଗୋ ସରସ୍ୱତୀ...

+ ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ବିଦ୍ୟା ଦାୟିନୀ ସରସ୍ୱତୀ...

### ସୁମନ ଲେଙ୍କା

ଜୟ ଜୟ ଜୟ ମାଗୋ ବିଦ୍ୟାପ୍ରଦାୟିନୀ
ଜୟ ଜୟ ଜୟ ମାଗୋ ଅଭୟ ଦାୟିନୀ
ଜୟ ଜୟ ବୀଣାପାଣି ଜଗତ ଜନନୀ
ଜୟ ଜୟ ଜୟ ମାଗୋ ମରାଳ ବାହିନୀ
ଜୟ ଜୟ ଜୟ ମାଗୋ ବିଘ୍ନ ବିନାଶିନୀ
ଜୟ ମାତା ତୋ ଦୟାରେ ମୂର୍ଖ ହୁଏ ଜ୍ଞାନୀ
ଏକ ହସ୍ତେ ଶୋଭେ ତୋର ମୁକୁତାର ହାର
ଅନ୍ୟ ହସ୍ତେ ଶୋଭେ ତୋର ପୁସ୍ତକର ଭାର
ମହା ମୂର୍ଖ କାଳିଦାସ ସ୍ତୁତି କଲା ତୋତେ



ତାହାର ଦୁଃଖକୁ ତୁହି ନାଶିଲୁ ତୁରିତେ
ତୋ ଦୟାରୁ କାଳିଦାସ ହେଲା ମହା କବି
ତୋ କରୁଣା ଲାଭ କରି ଲେଖିଗଲା ଭାବି
ତୋ ଦୟାରେ ଶୂନ୍ୟ ପାତ୍ର ପୂର୍ଣ୍ଣ ଯେ ହୁଅଇ
ତୋ ଦୟାରେ ଅଜ୍ଞାନ ଯେ ଜ୍ଞାନ ବି ଲଭଇ
ତୋର ଦୟା ମାଗୋ ସବୁ ଦିନ ଏହିପରି ଥାଉ
ତୋ ନାମ ସ୍ମରଣେ ସର୍ବ କାର୍ଯ୍ୟ ପୂର୍ଣ୍ଣ ହେଉ
ଏ ଅଧମ ଡାକୁଅଛି ଶୁଣ ଆଦିମାତ
ତୁମ ଶ୍ରୀଚରଣେ ମୋର ରହୁ ସ୍ଥିର ଚିତ୍ତ ।

+ଅଲଣା-୨,ବଛାଳୋ,
ନାଉଗାଁ,ଜଗତସିଂହପୁର
ମୋ: ୭୮୪୮୦୬୨୫୧୦

## ଜୟ ମାଁ ସରସ୍ୱତୀ

### ସୁନୀଲ କୁମାର ପ୍ରଧାନ

ଜୟ ମାଁ ସରସ୍ୱତୀ ବିଦ୍ୟା ପ୍ରଦାୟନି
ଜୟ ଜୟ ମାଁ ମାଗୋ
ବ୍ରହ୍ମାଙ୍କ ନନ୍ଦିନୀ ।
ହସ୍ତରେ ତୋ ବୀଣା ସତେ
ଶୋଭାପାଉଥାଏ
ହଂସରାଜ ପୁଣି ତୋର
ବାହାନ ସେ ହୁଏ ।
ମୂରୁଖ ହୁଏ ପଣ୍ଡିତ ତୋର ଦୟା ହେଲେ
ବିଦ୍ୟା ଦାତ୍ରି ଭାରତୀ ମାଁ
ତୋ ଆଶିଷ ଢ଼ାଳେ ।
ଜଗତ ଜନନୀ ମାଁତୁ ବ୍ରହ୍ମାଙ୍କ ଘରଣୀ
କଣ୍ଠରେ ବସିଲେ ତୁହି
କହୁଥାଉ ବାଣୀ ।
ପଞ୍ଚମୀରେ ତୋର ପୂଜା ଜଗତ ପାଳଇ
ସାରା ବିଦ୍ୟାଳୟେ ତୁହି
ଥାଉ ବିରାଜଇ ।
କେଉଁ ଠାରେ କେଉଁ ସ୍ଥାନେ
ଅଛି ତୋର ନାମ
କୋଉ ନାମେ ଡାକିବି ମୁଁ
ନଜାଣେ ଅଧମ ।
ଅଜ୍ଞାନ ଛଳରେ ମାଗୋ ଲେଖିଲି ଜଣାଣ
ଦୋଷ ଥିଲେ କ୍ଷମା ଦେବୁ
ଗଲି ମୁଁ ଶରଣ ।

+ ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬

# ଆତ୍ମଚିନ୍ତନର ସମୟ ...

ଡ଼ି ଶୁଭମ୍

ଜୀବନ ଯାତ୍ରାରେ ସଂଗ୍ରାମ ସୀମାହୀନ। ଏ ସଂଗ୍ରାମ ହିଁ ସଂଗ୍ରାମୀକୁ ଅନୁଭବର ପରିଚୟ ଦିଏ। ସେତେବେଳର ସମୟକୁ ଯଦି ସ୍ମରଣ କରିବା ସତରେ ସବୁ ଅସୁମାରୀ ସ୍ୱପ୍ନ ଭିତରେ ଅନେକ ଆଶା ଆକାଂକ୍ଷା ସମାଧିସ୍ଥ ହୋଇଯାଉଥିଲା। ଭାରତର ପରାଧିନତାର ଇତିହାସ ଏକ କଣ୍ଟକିତ ପଥ। ସ୍ୱାଧିନତାର ମଧୁ ଚାଖିବା ପାଇଁ ଭାରତର ସଂଗ୍ରାମକୁ ସତରେ ଆଜିବି ସଲାମ କରିବାକୁ ପଡ଼େ। ସମୟ ଥିଲା ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏତେସବୁ ପରେ ବି ସଂଗ୍ରାମୀ ମାନଙ୍କର ଅବଦାନ ଆଉ ପରିଶ୍ରମର ଫଳ ସ୍ୱରୂପ ସ୍ୱାଧୀନତାର ସ୍ୱାଦକୁ ଚାଖି ଭାରତୀୟ ମାନେ ମୁକ୍ତିର ଜୟଗାନ କଲେ ଆଉ ଏକ କଣ୍ଠରେ ଗାଇ ଉଠିଲେ :

‘ଆମେ ଚଳାଇବୁ ଦେଶ ଆମରି,
ଆମରି ନାଆରେ ଆମେ ନାଉରୀ।’

ଆଜି ଆମେ ସ୍ୱାଧୀନତାର ରୂପରେଖକୁ ମର୍ମେମର୍ମେ ଅନୁଭବ କରୁଛୁ। ଗଣତନ୍ତ୍ର ଦିବସ ଆସିଲେ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୁଏ। ଦେଶାତ୍ମବୋଧର ଗାଥାକୁ ଗୁମୁରି ଗୁମୁରି ହୃଦୟ ଭିତରେ ବସା ବାନ୍ଧେ। ସମ୍ବିଧାନ ଆଉ ଶାସନବ୍ୟବସ୍ଥାର କଥା ମନକୁ ଆସେ। ଏକ ସ୍ୱଚ୍ଛ ଗଣତାନ୍ତ୍ରିକ ରାଷ୍ଟ୍ରର ଜନତା ଭାବରେ ଏ ଦିବସଟି ଆମ ପାଇଁ ଖୁବ୍ ଗୁରୁତ୍ୱ ବହନ କରେ।

ଦେଶ ସ୍ୱାଧୀନ ହେବା ପରଠାରୁ ଯଦି ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଏ , ତାହେଲେ ଆମ ଦେଶ ସମ୍ବିଧାନର ଧାରାକୁ ନେଇ ପର୍ଯ୍ୟବସିତ। ଗଣତନ୍ତ୍ର ଲୋକମାନଙ୍କର , ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା -ଏକଥା ସମସ୍ତଙ୍କୁ ଜଣା। ଗ୍ରୀକ ଦାର୍ଶନିକ ପ୍ଲୁଟୋଙ୍କ ଭାଷାରେ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ସ୍ୱଚ୍ଛ ଓ ନିର୍ମଳ ଜନାଭିମୁଖୀ ଶାସନ। ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ପରି ଏ ବୃହତ ଦେଶର ଏକତାକୁ ଗଣତନ୍ତ୍ରର ରଜ୍ଜୁରେ ବାନ୍ଧି ରଖିବା ପାଇଁ ଏକ ଶାସନ ଖସଡ଼ାର ପ୍ରସ୍ତୁତ ହେଲା। ଯାହାର ନାଁ ଥିଲା ସମ୍ବିଧାନ। ଭାରତ ପାର୍ଲାମେଣ୍ଟରେ ଏହି ସ୍ୱିଧାନର ସ୍ୱରୂପକୁ ୧୯୫୦ ଜାନୁଆରୀ ୨୬ରେ ସାର୍ବଜନୀନୀ ଗୃହୀତ କରାଗଲା। ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ଏ ସମ୍ବିଧାନ ଏକ ମାନବୀୟ ଚେତନାକୁ ଉଦବୁଦ୍ଧ କରାଉଥାଏ।

ମାତ୍ର ଏବର ପରିସ୍ଥିତି କୁ ଲକ୍ଷ କଲେ ଏହା ଭଲଭାବେ ଅନୁମେୟ ଯେ ଏ ବ୍ୟବସ୍ଥା ସମୂହ ଏବେ ସମ୍ପୂର୍ଣ୍ଣ କଳୁଷିତ। ଗଣତନ୍ତ୍ରରେ ନେତାମାନେ ଆଦର୍ଶ, ଦେଶସେବା ଏବଂ ନିଃସ୍ୱାର୍ଥପର ଗାନ୍ଧୀ ଚେତନାରେ ଆଦର୍ଶବାଦୀ ହେବା ଆବଶ୍ୟକ। ମାତ୍ର ଆମ ଦେଶର ନେତାମାନେ ଏବେ ଦୁର୍ନୀତି ଗ୍ରସ୍ତ, ସ୍କାମ୍, ସ୍କାଣ୍ଡାଲ୍‌ର ନେତା ଭାବେ ବେଶ ଜଣାଶୁଣା। ତଥା କଥିତ ଦୁର୍ନୀତି ମାନଙ୍କର ଗାଥା ବୋଧହୁଏ ଊଣା ଅଧିକେ ସମସ୍ତଙ୍କୁ ଜଣା। ଯେପରିକି ଏ ରାଜାଙ୍କର ଟୁ ଜି ସ୍ପେକ୍ଟ୍ରମ୍ ଦୁର୍ନୀତି, ଲାଲୁଯାଦବଙ୍କର ଗୋଖାଦ୍ୟ ଦୁର୍ନୀତି, ହର୍ଷଦ ମେହେଟା ଙ୍କର ସେୟାର ମାର୍କେଟ ଦୁର୍ନୀତି, ମାୟାବତୀଙ୍କର ଜମିକିଣା ଦୁର୍ନୀତି, ଆହୁରି ବହୁତ। ଗୋପବନ୍ଧୁଙ୍କ ସେହି ମହନୀୟ ବାଣୀ ଏବେ ବିପରୀତ ଅର୍ଥରେ ପ୍ରୟୋଗ ହୋଇ କୁହାଯାଉଛି-

‘ଜନତାର ଦେହ ମିଶୁ ଏ ମାଟିରେ,
ଆମେ ଚ଼ାଲିଯିବୁ ତାଙ୍କରି ପିଠିରେ,
ଆମ ସ୍ୱାର୍ଥ ପଛେ ଅଛି ଯେତେ ଗାଡ଼,
ପୁରୁ ତହିଁ ପଡି ଜନତାର ହାଡ଼।
ଜଗତଟା ପଛେ ନର୍କେ ପଡିଥାଉ
ମୋ ଜୀବନ ଉଦ୍ଧାର ହେଉ।’

ଗଣତନ୍ତ୍ର ବ୍ୟବସ୍ଥାରେ ଦେଶର ଉତ୍ପାଦିତ ଦ୍ରବ୍ୟକୁ ସମସ୍ତଙ୍କ ମଧ୍ୟରେ ସମ ଭାବରେ ବଣ୍ଟନ କରାଯାଇଥାଏ। ମାତ୍ର ବର୍ତ୍ତମାନ ସମୟରେ ଏସବୁ ସଲଟା ପ୍ରତିପାଦିତ ହେଉଛି। ଏତେ ବର୍ଷ ପରେ ବି ମଣିଷର ବୌଦ୍ଧିକ ଜ୍ଞାନରେ ପରିବର୍ତ୍ତନ ଆସିନି। ମଣିଷ ପାଲଟିଛି ମଣିଷର ଶତ୍ରୁ। ସେଥିପାଇଁ କୁହାଯାଏ :

‘ଆଜି ଭାରତର ଧୂଳିରେ ଧୂଳିରେ ଯୁଦ୍ଧର ଘନଘଟା , ପବନେ ଭରିଛି ବାରୁଦ ଗନ୍ଧ ଆକାଶେ ରକ୍ତଛିଟା।’

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ , ବ୍ୟବସ୍ଥାପକ,ନ୍ୟାୟପାଳିକା ତଥା ଗଣାମଧ୍ୟମର ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ। ହେଲେ ଏସବୁର ଅଧିକାଂଶ ଏବେ ନିରପେ’ତାର ବାହାରେ। ଅନେକ ସରକାରୀ ବାବୁଙ୍କ ଘରୁ ପୁଳା ପୁଳା ଟଙ୍କା ବହାରୁଥିାର ନଜର ଏହାର ଉଦାହରଣ। ନିଯୁକ୍ତି ଆଜି ଲାଂଚ ବିନା ସ୍ୱପ୍ନ ପାଲଟିଯାଇଛି। ଗଣଉତନ୍ତର ଏ ପବିତ୍ର ଭୂମିରେ କଳାବଜାରୀର ଚାହିଦା ବଢ଼ିଛି। କୁହାଯାଏ:

‘ମନ୍ତ୍ରୀ ହେ ତୁମେ କେଡ଼େ ଭଲ ,
ଧନିଏଁକୁ ତୁମେ ବିପିଏଲ ଦେଲ ,
ଗରିବ ହୁଅନ୍ତି କଲବଲ,
ମନ୍ତ୍ରୀ ହେ ତୁମେ କେଡ଼େ ଭଲ।’

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ବିଚ଼ାର ବିଭାଗ ଅତୀବ ସ୍ୱଚ୍ଛ। କିନ୍ତୁ ଭାରତବର୍ଷରେ ବିଚ଼ାର କ୍ଷେତ୍ରରେ ପକ୍ଷପାତିତା ଅବଲମ୍ବନ କରାଯାଇ ବିଭାଗୀୟ ଲୋକମାନେ ଅର୍ଥ ବଳରେ ଆଇନ୍‌କୁ ନିଜ ହାତକୁ ଆଣିବାକୁ ପଛାଉ ନାହାନ୍ତି। ତେଣୁ ଦାଉଦ ଇବ୍ରାହିମ, ଛୋଟା ରାଜନ ପରି ଗ୍ୟାଙ୍ଗଷ୍ଟର ମାନେ ଆଇନ୍‌ର ଫାଙ୍କ ଦେଇ ଖସି ଆସିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ପକ୍ଷରେ ଗରିବ ଲୋକମାନେ ନ୍ୟାୟରୁ ବଞ୍ଚିତ ହୋଇ ସାମାନ୍ୟ ଭୁଲ ପାଇଁ ଗୁରୁତର ଦଣ୍ଡ ରେ ଦଣ୍ଡିତ। ଗଣତନ୍ତ୍ରରେ ସବୁ ଶ୍ରେଣୀର ଲୋକମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆ ଯାଇଥାଏ। କିନ୍ତୁ ଆମ ଦେଶର ସୁବିଧା ବାଦ ଗୋଷ୍ଠୀର ଲୋକ ମାନେ ସମସ୍ତ ସ୍ୱାର୍ଥ ହାସଲକରି ନିରୀହ ହରିଜନ ମାନଙ୍କୁ ତାଙ୍କର ପ୍ରାପ୍ୟରୁ ବଞ୍ଚିତ କରୁଛନ୍ତି। ଯାହାର ପରିଣତି ଆଜି ଦେଶରେ ନକ୍ସଲ, ମାଓବାଦର ଆରମ୍ଭ ହୋଇଛି। ସେଇ ତେଣୁ ଭାରତ ବର୍ଷରେ କୃଷକ ମାନେ ଋଣ ପରିଶୋଧ କରି ନପାରି ଆତ୍ମହତ୍ୟା କରୁଛନ୍ତି। ଯାହାକି ଦୈନନ୍ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି।

ଗଣତନ୍ତ୍ରରେ ଦେଶର ପ୍ରଗତି ପାଇଁ କାର୍ଯ୍ୟରତ ଇଂଜିନିୟର ମାନେ ନିଃସ୍ୱାର୍ଥପର ହେବା ବିଧେୟ। ମାତ୍ର ଆମ ଦେଶର ବୈଷୟିକ ଜ୍ଞାନ ଧାରି ଯୁବକମାନେ ବିନିଯୋଗ ଅର୍ଥର ଅଧିକାଂଶ ଭାଗ ଆତ୍ମସାତ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଭାଷରେ ନ‌ଏ ଦେଶରେ ପ୍ରଗତି ପାଇଁ ଆସୁଥିବା ଟଙ୍କାର ୮୦ ପଇସା ବାଟମାରଣା ହୋଇ ଯାଇଥାଏ। ଗଣତନ୍ତ୍ର ଶାସନରେ ପୋଲିସ ମାନେ ଲୋକ ମାନଙ୍କ ପାଇଁ ସାହାଯ୍ୟ ନ କରି ବରଂ ନେତା ମାନଙ୍କର ହାତ ବାରିସୀ ସାଜି ଏବଂ ଧନୀକ ମାନଙ୍କର ଅର୍ଥ ଖାଇ ଗରିବ ମାନଙ୍କୁ ନିର୍ଯାତନା ଦେଇଥାନ୍ତି। ଅସାମଜିକ କାର୍ଯ୍ୟରେ ଲିପ୍ତ ଲୋକମାନେ ଅର୍ଥ ବଳରେ ରାଜରାସ୍ତାରେ ଛାତି ଫୁଲେଇ ବୁଲୁଛନ୍ତି।

ଗଣତନ୍ତ୍ରର ନିର୍ବାଚ଼ନ ପଦ୍ଧତି ନିତ୍ୟାନ୍ତ ସ୍ୱଚ୍ଛ। ଏଥିରେ ଥିବା ଲୋକମାନେ ସତ୍ ଚ଼ରିତ୍ରର ହେବା ସହିତ ନୀତିନିଷ୍ଠ ହୋଇଥାନ୍ତି। କିନ୍ତୁ କେତେକ ଅସାଧୁ ମାନଙ୍କର ପ୍ରବେଶ ଏହାକୁ କୁତ୍ସିତ କରାଇ ଦେଇଛି। ଫଳରେ ଜନ ସାଧାରଣଙ୍କୁ କ୍ରୟ କରି ଭୋଟ ହାସଲ କରିଥାନ୍ତି। ଅର୍ଥାତ ଏବେ ଭାରତର ଗଣତନ୍ତ୍ର ଏକ ସ୍ୱାର୍ଥାନ୍ଧ ଗୋଷ୍ଠୀର ଜନ ସ୍ୱାର୍ଥ ବିରୋଧୀ ପଣ୍ୟ ଶାସନ ପଦ୍ଧତି। ଯଦି ଆମେ ଗଣତନ୍ତ୍ର ଦିବସ ପାଳନ କରୁଛୁ , ତାହେଲେ ଅନ୍ତତଃ ଗଣତନ୍ତ୍ରର ଅର୍ଥକୁ ବୁଝିବା ଦରକାର। ଗଣ ଅଥବା ଲୋକମାନେ ହିଁ ଏହାର ଆଧାର। ତେଣୁ ଏ ବ୍ୟବସ୍ଥାର ପରିପାଟୀ ସ୍ୱଚ୍ଛ ହେବା ବିଧେୟ। ନହେଲେ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାସ କରିବା ଅର୍ଥହୀନ ମନେ ହେବ।

ସମୟ ଆସିଛି ଆମେ ସ୍ୱାଧୀନ ଭାବେ ଜୀଇଁବାର। ସମୟ ଏବେ ଆତ୍ମଚିନ୍ତନର। ତ୍ରିରଙ୍ଗାର ଆହ୍ୱାନରେ ଆହ୍ୱାନିତ ହେବାର। ସମୂହ ସ୍ୱାର୍ଥ ପାଇଁ ଏକାକାର ହେବାର। ଏକତାର ମନ୍ତ୍ରରେ ମନ୍ତ୍ରିତ ହେବାର। ମାନବ ଜନ୍ମକୁ ଚରିତାର୍ଥ କରିବା ସହ ଦେଶ ହିତରେ ସଂଗ୍ରାମ କରିବା। ତାହେଲେ ଯାଇ ଆମେ ଗଣତନ୍ତ୍ରର ଅମୃତକୁ ପାନ କରିପାରିବା। କେବଳ ଗଣତାନ୍ତ୍ରିକ ଦିବସ ପାଳନ କରି ଏ ସମ୍ବନ୍ଧୀୟ କିଛିଟା ବକ୍ତବ୍ୟ ଦେଇଦେଲେ ଦିବସ ସରିଯାଏ ସିନା କିନ୍ତୁ ଏହାର ଅର୍ଥକୁ ବୁଝାଯାଇପାରେନା। ସମ୍ବିଧାନର ସ୍ୱନକ୍ଷତ୍ରରେ ମୌଳିକ ଓ ନୈତିକ ଶିକ୍ଷା ହିଁ ଆମର ଆଲୋକବର୍ତ୍ତିକା। ସୁତରାଂ ଆମକୁ ଗଣତନ୍ତ୍ର ଅର୍ଥକୁ ବୁଝିବାକୁ ହେବ। ଗଣଙ୍କୁ ଏ ବିଷୟରେ ସଚେତନ କରାଇବାକୁ ହେବ। ଏକ ନିର୍ମଳ ଶାସନ ବ୍ୟବସ୍ଥାର ସ୍ୱରୂପକୁ ଲୋକମାନଙ୍କୁ ଅନୁଭବ କରାଇବାକୁ ହେବ। ତାହେଲେ ଯାଇ ମଧୁମୟ ଭାରତ ଗଠନ ହୋଇପାରିବ , ଏଥିରେ ସନ୍ଦେହ ନାହିଁ।

+ବାସୁଦେବପୁର, ଭଦ୍ରକ
ମୋ - ୯୪୩୮୪୬୭୦୭୯



## ଗଣତନ୍ତ୍ରର ସ୍ୱନକ୍ଷତ୍ର

ପ୍ରଦ୍ୟୁମ୍ନ ପଟ୍ଟନାୟକ

ବର୍ଷ ପରେ ବର୍ଷ
ଏହି ମହାର୍ଘ ଦିବସେ
ଗଣତନ୍ତ୍ର ସ୍ୱନକ୍ଷତ୍ର
ପାଳୁଆମେ ଦେଶବାସୀ
ସଦର୍ପ ଉଚ୍ଛ୍ୱାସେ ।
ଯେବେ ପ୍ରାପ୍ତ ହେଲା
ସ୍ୱୟଂ ଶାସନର ସ୍ୱାଧିକାର
ନିଜ ଇଛା ମତେ ଗଢୁ ଏବେ
ନିଜ ଦେଶ ନିଜ ଗ୍ରାମ
ନିଜର ସହର ।
ଶାସକର ଗୁରୁମନ୍ତ୍ରେ ହୋଇ
ଅଭିମନ୍ତ୍ରିତ
ନିଜ କାର୍ଯ୍ୟ ନିଜେ ସମ୍ଭାଳିବାର
ନେଇଛୁ ଶପଥ
ପାରାଧୀନର ତାର ବେଡିରୁ
ବହୁଦିନ ପରେ ଆମେ
ହୋଇଛୁ ସ୍ୱତନ୍ତ୍ର।
ଦିଲ୍ଲୀରୁ ପଲ୍ଲୀ ଯାଏ ରାଜଦଣ୍ଡ
ନ୍ୟୋଲାଗି ନିଜ ହସ୍ତେ
ଆମେ ହୋଇଛୁ ସମର୍ଥ
ଏବେ ଦେଶ ରାଜ୍ୟ
କୋଣେ ଅନୁକୋଣେ
ସ୍ୱାୟତ ଶାସନର ଭାର
ଆମ ହସ୍ତେ ନ୍ୟସ୍ତ।
ଭୁଲି ସବୁ ଦୁଃଖ କଷ୍ଟ ନିର୍ଯ୍ୟାତନା
ତ୍ୟାଗ ତପସ୍ୟା ସାଧନା
ଯାର ଉପଲବ୍ଧି ଆଗୁ
ପଡିଥିଲା ସହିବାକୁ
ଯେଉଁ ବିଦେଶୀ ଦାସତ୍ୱ
ସ୍ୱଦେଶ ଜନତାରେ
ନହୋଇ ବିନୀତ
ସେହି ଅଧିକାର ବଳେ
ହୋଇ ମଦମତ୍ତ
ଅପବ୍ୟବହାର କରୁ ଆଜି
ସରକାରୀ କଳ
ଆଚରୁ ଛନ୍ଦ କପଟ ଅନୀତି
କୌଶଳ।
ଆମ ପୂର୍ବସୂରି ଲାଗି ଯେତେ
ଆମେ ନୁହଁଇ ଗର୍ବିତ
ତତୋଧିକ ସ୍ୱାର୍ଥୀ ଆମେ
ଖୋଜୁ ଏବେ ଆରାମ ଅୟସ
ଅନ୍ୟାୟାସେ ଉପଲବ୍ଧ ଅର୍ଥ
ଦୁର୍ନୀତି ଅନୀତିକୁ କରି ମୂଳମନ୍ତ୍ର।
ଜଣା ନାହିଁ ପୁଣିକେବେ
ଆସିବ ସୁଦିନ
ହଟାଇ ବ୍ୟଭିଚାର କୁହେଳିକା
ଏ ଦେଶର ଭାଗ୍ୟ ରବି
ହେବ ପୁନଶ୍ଚ ଉଦିତ
ଭୁଲି ନିଜ ସ୍ୱାର୍ଥ ହୀନ ଦୁଷ୍କପଟ
ଦେଶପ୍ରେମ ଆମ ହୃଦେ
ହେବ ପ୍ରକଟିତ
ଅଗଣିତ ଦେଶବାସୀଙ୍କର
ଦୁଃଖ ଦୁର୍ଦ୍ଦଶାକୁ ଦୂର
କରିବାରେ ଆମେ ହେବା
ସତତ ଚେଷ୍ଟିତ।

+୧୦୧- ପ୍ରକାଶ ଦୀପ
ଟାୱାର,ଜୟଦୁର୍ଗା ନଗର
ଭୁବନେଶ୍ୱର -୦୬
ମୋ:୯୯୬୮୨୮୦୮୯୬

# ଗଣତନ୍ତ୍ର ଦେଶରେ “ଦଳତନ୍ତ୍ର” ମାନଙ୍କର ବୋକାମନ୍ତ୍ର

ପ୍ରଦୀପ ସେନାପତି



ଦେଶର ଗଣତନ୍ତ୍ର ଦିନକୁ ଦିନ ପୁରୁଣା ହେଉଛି, ଅଭିଜ୍ଞତା ସାଉଁଟୁଛି। ହେଲେ ପରିପକ୍ୱ ବା ପରିପୂର୍ଣ୍ଣ ହୋଇପାରୁନି। ଯେଉଁ ଯେଉଁ ମୌଳିକ ସମସ୍ୟାର ନିରାକରଣ ପାଇଁ ଦେଶର ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା, ଆଜି ବି ସେଗୁଡ଼ିକୁ ଗଣତାନ୍ତ୍ରିକ ବ୍ୟବସ୍ଥା ଦୂର କରିପାରିନାହିଁ। ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ବେଶୀ ପରିମାଣରେ ବିପଦ ସଂଙ୍କୁଳ ହୋଇଛି। ଆମେ ଏହାକୁ ସମ୍ପୂର୍ଣ୍ଣ ସଶକ୍ତ ଗଣତନ୍ତ୍ର କହିବା ଅପେକ୍ଷା ଅର୍ଦ୍ଧ ଗଣତନ୍ତ୍ର କହିଲେ ଉପଯୁକ୍ତ ହେବ। ଏହା କିଛିବର୍ଷ ପରେ ହୁଏତ ସମ୍ପୂର୍ଣ୍ଣ ଗଣତନ୍ତ୍ରର ରୂପ ନେଇପାରେ। ଏସବୁର ମୂଳ ସମସ୍ୟା ହେଉଛି ଗୋଟିଏ ଓ ସମାଧାନ ମଧ୍ୟ ଗୋଟିଏ। ସମସ୍ୟା ହେଉଛି ଶାସନ କ୍ଷମତାକୁ ଆସିଯାଉଥିବା ରାଜନୈତିକ ବ୍ୟକ୍ତି ବିଶେଷଙ୍କର ମାନସିକତା। କେମିତି ସବୁଦିନପାଇଁ ଶାସନ କ୍ଷମତାକୁ ଜାବୁଡ଼ି ଧରିହେବ, କେମିତି କ୍ଷମତାକୁ କେବଳ ମୁଁ ହିଁ ଉପଭୋଗ କରିବି। ମୁଁ ହିଁ ଶ୍ରେଷ୍ଠ, ଆଉ କିଏ ଆସିଲେ କାଳେ ମୋର ପ୍ରତିପ୍ରତ୍ତି କମିଯିବ ଏହି ପ୍ରକାର ଭୟ ହିଁ ଏସବୁ ବିକାରର କାରଣ। ଯେଉଁଦିନ ଗଣତାନ୍ତ୍ରିକ କ୍ଷମତାରେ ଥିବା ନେତାମାନେ ନିଜର ମାନସିକତାରେ, ନିଜର ବିଚାରରେ ଏସବୁକୁ ସମାପ୍ତ କରିଦେବେ ସେଦିନରେ ଜାଣିବା ଗଣତନ୍ତ୍ରରେ ପରିପକ୍ୱତା ଆସିଲା।

ଯଦି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରଚଳନ ହୋଇନଥାନ୍ତା ତା’ହେଲେ ଆଜି ଆମେ ଯେଉଁ ମୁକ୍ତ ବିଚାର, ମୌଳିକ ଅଧିକାର ବ୍ୟକ୍ତି ସ୍ୱତନ୍ତ୍ରତା ଧାର୍ମିକ ସ୍ୱାଧୀନତା ଆଦି ପାଇଛେ ଏସବୁ କେବଳ ପରିକଳ୍ପନାରେ ହିଁ ଥାଆନ୍ତା। ଆଜିର ବିଶ୍ୱରେ ଯେଉଁ ସମାଜରେ ଗଣତନ୍ତ୍ର ଯେତିକି ସୁଦୃଢ଼ ଓ ଶକ୍ତିଶାଳୀ ସେଠାରେ ଅର୍ଥନୈତିକ ସାମାଜିକ ସାଂସ୍କୃତିକ ଏବଂ ବୌଦ୍ଧିକ ସ୍ତର ସେତିକି ସମୃଦ୍ଧ। ବିଶ୍ୱର ସମସ୍ତ ବିଚାର ଆଜି ଯଦି କେଉଁ ଗୋଟିଏ ଉକ୍ତିରେ ଏକମତ ହେଉଛନ୍ତି ତାହା “ଗଣତନ୍ତ୍ର ହେଉଛି ଶ୍ରେଷ୍ଠ ଶାସନ ବ୍ୟବସ୍ଥା।” ଗ୍ରୀସର ଏଥେନ୍‌ସରେ ଭାରତର ସିନ୍ଧୁ ସଭ୍ୟତା, ହରପ୍ପା ସଭ୍ୟତାରେ ମଧ୍ୟ ଗଣତନ୍ତ୍ର ପ୍ରଚଳନ ଥିଲା। ବୋଲି କୁହାଯାଏ। ଆଧୁନିକ ବିଶ୍ୱରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ଆରମ୍ଭ ହୋଇଥିଲା ଆମେରିକାରେ ୧୭୮୯ରେ। ବର୍ତ୍ତମାନ ବିଶ୍ୱରେ କିଛି ହାତଗଣତି ଦେଶକୁ ଛାଡ଼ିଦେଲେ ବାକି ସବୁ ଦେଶରେ ଗଣତାନ୍ତ୍ରିକ୍ ଶାସନ ବ୍ୟବସ୍ଥା ଚାଲିଛି। ଗଣତନ୍ତ୍ରକୁ ନେଇ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଯାଉଛି। ଗବେଷଣା ହେଉଛି। ଗଣତନ୍ତ୍ରର ସୁରକ୍ଷା ସୁଦୃଢ଼ ହେବାନେଇ ବିତକ, ଆଲୋଚନା ଚକ୍ର ବିଭିନ୍ନ ମାପଦଣ୍ଡନର ମୂଲ୍ୟାଙ୍କନ ମଧ୍ୟ ହେଉଛି। ବିଶ୍ୱର ବିଭିନ୍ନ ରାଜନୈତିକ ଦଳର ଅଗଣିତ ରାଜନୈତିକ କର୍ମୀଙ୍କଠାରୁ ନେଇ ସାମାଜିକ କର୍ମୀ ନ୍ୟାୟିକ ବ୍ୟବସ୍ଥା ଲାଗିଛନ୍ତି ଗଣତନ୍ତ୍ରକୁ ଆଗେଇନେବାରେ। ହେଲେ ବିଗତ ୨୩୩ ବର୍ଷର ଏହି ଯାତ୍ରାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଯେତିକି ପରିପକ୍ୱତା ହାସଲ କରିବା କଥା ବା ଗଣତାନ୍ତ୍ରିକ ବ୍ୟବସ୍ଥାର ଅସଲ ଉଦ୍ଦେଶଟି ଯେତିକି ସାଧିତ ହେବା କଥା ତାହା ହୋଇପାରୁନାହିଁ। ସାରା ବିଶ୍ୱରେ ପ୍ରାୟ ସମସ୍ତ ଦେଶରେ ଊଣା ଅଧିକେ ଦୋଷତୃଟି ଦେଖିବାକୁ ମିଳୁଛି। ଏହା ଏକ ପ୍ରକାର ବ୍ୟବସ୍ଥାର ସୀମିତତା ନା ଏହିବ୍ୟବସ୍ଥା ପ୍ରଚଳନର ଦୋଷତୃଟି ଯାହାପାଇଁ ଗଣତନ୍ତ୍ରରେ ପରିପକ୍ୱତା ଆସିପାରୁନାହିଁ ଏହା ଆଜିର ଏହି ପବିତ୍ର ଗଣତନ୍ତ୍ର ଦିବସରେ ଚିନ୍ତାର ବିଷୟ।

ସାମଗ୍ରିକ ଭାବରେ ଗଣତନ୍ତ୍ରକୁ ନେଇ ଯେଉଁ କିଛି ସମସ୍ୟା ପ୍ରାୟ ଆମଦେଶରେ ଦେଖିବାକୁ ମିଳୁଛି ତାହାହେଲା ଗଣତନ୍ତ୍ର ନାଁରେ ଦଳତନ୍ତ୍ର, ଦଳତନ୍ତ୍ରରେ ପରିବାରବାଦ, ରାଜନୈତିକ ଦଳଙ୍କ ଭିତରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ, ଦୁର୍ବଳ ଜନପ୍ରତିନିଧି ଓ ପ୍ରଭାବଶାଳୀ ଅମଲାତନ୍ତ୍ର, ରାଜନିତୀରେ ଧାର୍ମିକ ନିୟନ୍ତ୍ରଣ, ଦୁର୍ବଳ ଗଣମାଧ୍ୟମ, ବିଚାର ବିଭାଗର ଅକ୍ଷମତା, ଦୁର୍ନୀତି ଓ ସର୍ବୋପରି ସାଧାରଣ ଲୋକଙ୍କୁ ବିଭିନ୍ନ ରାଜନୈତିକ ଦଳମାନେ ବୋକା ଗରାଖ ଭଳି ବ୍ୟବହାର କରିବା। ଏହା ବାଦ୍ କିଛି ଦେଶରେ ଶାସନତନ୍ତ୍ର ଉପରେ ସାମରିକ ବାହିନୀ ମାନଙ୍କର ଜବରଦଖଲ ମଧ୍ୟ ଆଉ ଏକ କୁଲକ୍ଷଣ। ସାଧାରଣତନ୍ତ୍ରକୁ ସାମ୍ବିଧାନିକ ଭାବରେ କୁହାଯାଇଛି ଯେ ଏହା ସବୁଠାରୁ ଶୁଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା। କାରଣ ଏହି ବ୍ୟବସ୍ଥାରେ ଲୋକମାନେ ସିଧାସଳଖ ଆଇନ ପ୍ରଣୟନ କରନ୍ତି। ଏବେ କେବଳ ସ୍ୱିଜରଲାଣ୍ଡର ଗ୍ଲାରୁସ ଓ ଆପେଞ୍ଜେଲର ପ୍ରାଦେଶିକ ଶାସନ ବ୍ୟବସ୍ଥାରେ ଏହି ବ୍ୟବସ୍ଥା ପ୍ରଚଳିତ ହୋଇଛି। ସେଠାରେ ସାଧାରଣ ଲୋକମାନେ ନିୟମ ବନାନ୍ତି। ସମ୍ବିଧାନ ସଂଶୋଧନ କରନ୍ତି। ଯେତେବେଳେ ଇଚ୍ଛାହେବ ସେତେବେଳେ ପ୍ରତିନିଧିଙ୍କୁ ବଦଳାଇ ଦେଇପାରନ୍ତି। ବାକି ବିଶ୍ୱର ଅନ୍ୟ ସବୁଆଡ଼େ ପ୍ରତିନିଧିମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଚଳିତ। ଏହି ବ୍ୟବସ୍ଥାରେ ଲୋକଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଶାସକ ହୁଅନ୍ତି। ଜନତା ଥରେ ଭୋଟ ଦେଲାପରେ ଆଉ କୌଣସି ନିୟନ୍ତ୍ରଣ ନଥାଏ। ପରବର୍ତ୍ତୀ ଭୋଟ ପର୍ଯ୍ୟନ୍ତ ଗଣତନ୍ତ୍ରଟା ଆଉ ଲୋକଙ୍କ ନିୟନ୍ତ୍ରଣରେ ରହେନାହିଁ। ଭାରତରେ ମଧ୍ୟ ସ୍ୱାଧୀନତା ପରଠାରୁ ଆମେ ଯେଉଁ ଗଣତନ୍ତ୍ରକୁ ଦେଖୁଛେ ତାହା ମୋଟାମୋଟି ଭାବରେ ଏକ ଦଳତନ୍ତ୍ର ବା ଦଳ ମାନଙ୍କର ସରକାର।

ଦଳତନ୍ତ୍ରରେ ରାଜନୈତିକ ଦଳଙ୍କର ଭୂମିକା ଏକଚ୍ଛତିଆ ହୋଇଯାଏ। ସେଥିପାଇଁ ବିଶ୍ୱର କୌଣସି ଦେଶରେ ସ୍ୱାଧୀନ ପ୍ରାର୍ଥୀ ଭାବରେ କେହି ରାଷ୍ଟ୍ରମୁଖ୍ୟ ନାହାନ୍ତି। ଦଳତନ୍ତ୍ରରେ ଗଣତନ୍ତ୍ରର ସବୁ ସୁବିଧାର ଲାଭ ଉଠାନ୍ତି କ୍ଷମତାରେଥିବା ରାଜନୈତିକ ଦଳର ନେତାମାନେ। ଆମେରିକା ଇଂଲଣ୍ଡ, ଫ୍ରାନ୍ସ ଭଳି ଦେଶ ମଧ୍ୟ ଏହି ରୋଗରୁ ମୁକ୍ତ ନୁହନ୍ତି। ଦଳତନ୍ତ୍ରରେ ପୁଣି ଜନତାଙ୍କୁ ଖୋଜାପଡ଼େ ପରବର୍ତ୍ତୀ ନିର୍ବାଚନ ବେଳକୁ। ଯାହାଫଳରେ ଭୋଟ ବେଳକୁ ଲୋକଙ୍କ ସମର୍ଥନ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ଭିତରେ ଆରମ୍ଭ ହୋଇଯାଏ ଅସମ୍ଭବ ପ୍ରତିଯୋଗିତା । ଯାହା ଜନ୍ମଦିଏ ମାଗଣା ବଣ୍ଟା ସଂସ୍କୃତିକୁ। ୨୦୧୯ରେ ଇଂଲଣ୍ଡରେ ବୋରିସ୍ ଜନ୍‌ସନ୍। ୨୦୨୦ରେ ଶ୍ରୀଲଙ୍କାରେ ମହିନ୍ଦ୍ରା ରାଜପକ୍ଷ ନିର୍ବାଚନ ଜିତିଥିଲେ କେବଳ ଏହି ମାଗଣାବଣ୍ଟା ସଂସ୍କୃତିର ଆଧାରରେ। ହେଲେ ପରବର୍ତ୍ତୀ ସମୟରେ ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିଲା ଓ ଦୁଇଜଣ ବିଦାୟ ହେଲେ। ଆମ ଦେଶରେ ମଧ୍ୟ ଏହି ମାଗଣା ବଣ୍ଟା ସଂସ୍କୃତିରେ ସବୁ ରାଜନୈତିକ ଦଳ ସାମିଲ। ଯାହାହେଉ ଆମଦେଶର ସର୍ବୋଚ୍ଚ ଅଦାଲତ ଏହି ସମସ୍ୟାକୁ ଏକ ଗମ୍ଭୀର ପ୍ରସଙ୍ଗ ବୋଲି ଟିପ୍‌ପଣୀ ଦେଇଛନ୍ତି। ସଂସଦରେ କୌଣସି ପ୍ରତିନିଧି ଲୋକମାନଙ୍କ ପାଇଁ କହିବାକୁ ଆମେ ଗଣତନ୍ତ୍ର କହିପାରିବା କି ନାହିଁ ଏହା ଉପରେ ଆଜି ବି ବିତର୍କ ଚାଲିଛି। ଏଡି ବ୍ୟବସ୍ଥା ଯେବେ ପ୍ରଥମେ ବାହାରିଥିଲା ବା ଯେଉଁ ଦାର୍ଶନିକମାନେ ଏହାକୁ ପ୍ରଥମେ ପ୍ରଚଳନ କରିବାପାଇଁ ଚିନ୍ତା କରିଥିଲେ ସେମାନେ ଏହି ମାନସିକତାରେ ଥିଲେ କି, ଜନତା ହେଉଛନ୍ତି ଦୁର୍ବଳ, ସେମାନେ ନିଜେ ନିଜକୁ ଶାସନ କରିବାପାଇଁ ଅକ୍ଷମ। ସେଥିପାଇଁ ସେମାନଙ୍କୁ ଶାସନ କରିବାପାଇଁ ଏକ ବର୍ଗ ଦରକାର ଯିଏ ଲୋକଙ୍କଦ୍ୱାରା ନିର୍ବାଚିତ ହେବେ। ଆଜି ବି ତାହା ଚାଲିଛି, କାରଣ ଏହାର ଆଉ ଭଲ ବିକଳ୍ପ ଆମେ ଏପର୍ଯ୍ୟନ୍ତ ବାହାର କରିପାରିଲେ ନାହିଁ। ଏଇଥିପାଇଁ ବିତର୍କ ହେବାର ଆବଶ୍ୟକତା ରହିଛି। ରାଜନୈତିକ ଦଳଙ୍କ ଭିତରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ସ୍ଥାପନା ଏକ ଆହ୍ୱାନ ପାଲଟିଛି। ଯେହେତୁ ଆମେ ଦଳତନ୍ତ୍ରର ଯୁଗରେ ବଞ୍ଚିଛେ ତେଣୁ ଦଳଙ୍କ ଭିତରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିବା ଅପରିହାର୍ଯ୍ୟ। ଆଜିର ଦିନରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଏତେ ସଂଙ୍କଟରେ ଯେ, ପୁରା ଦେଶରେ ସବୁଦଳ କୌଣସି ପରିବାର ବା କୌଣସି ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଚାଲିଛି। ବର୍ଷପରେ ବର୍ଷ ଜଣେ ହିଁ ନେତା ହୋଇ ରହୁଛନ୍ତି। ଦଳଭିତରେ ଯିଏ ନେତାଙ୍କ ଚାମଚା ବା ଚାଟୁକାର ହୋଇ ଭଲ ନଜରରେ ରହିବ ସେ ରାଜନିତୀରେ ତିଷ୍ଠିବ ଯିଏ ଜୟଗାନ ନକରିବ ସିଏ ମୂଳପୋଛ ହୋଇଯିବ ଏହା ହେଉଛି ବିଭିନ୍ନ ଦଳର ଅବସ୍ଥା। ଅବଶ୍ୟ ବ୍ରିଟେନରେ କଞ୍ଜରଭେଟିଭ୍ ପାର୍ଟି ହେଉଛି ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦେଉଥିବା ଏକ ରାଜନୈତିକ ଦଳ ଯାହା ଅନ୍ୟମାନଙ୍କ ପାଇଁ ଆଦର୍ଶ। ସେଠାରେ ଏବେ ନିଜ ଦଳ ଭିତରେ ନିର୍ବାଚନ କରାଇ ବ୍ରିଟେନର ପ୍ରଧାନମନ୍ତ୍ରୀଙ୍କୁ ବଛାଗଲା।

ଆଜି ବି ଅନେକ ଦେଶରେ ଗଣତନ୍ତ୍ର ଉପରେ ଧର୍ମ ଭାରି ପଡୁଛି। ଧାର୍ମିକ ବ୍ୟବସ୍ଥାର ନିୟନ୍ତ୍ରଣରୁ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମୁକ୍ତ ରଖିବାପାଇଁ ପ୍ରତିବାଦ ପ୍ରଥମେ ପାଶ୍ଚାତ୍ୟରେ ହୋଇଥିଲା। ତାହାରି ପ୍ରଭାବରେ ସେକୁଲାରିଜିମ୍‌ର (ଧର୍ମନିରପକ୍ଷ) ପରିକଳ୍ପନା ଜନ୍ମନେଲା। ହେଲେ ସେମାନେ ମଧ୍ୟ ସେହି ପ୍ରଭାବରୁ ମୁକ୍ତ ହୋଇ ପାରିଲେ ନାହିଁ। ଆମେରିକାର ଯିଏ ରାଷ୍ଟ୍ରପତି ହେବେ ସେ ପ୍ରଥମେ ସେଠାକାର ଚର୍ଚ୍ଚର ଧର୍ମଗୁରୁମାନଙ୍କ ସହିତ ଏକ ଗୁପ୍ତ ପୈଠକ କରିବେ। ଯାହା ସମ୍ପର୍କରେ ବାହାରେ କୁହାଯିବ ନାହିଁ। ଏହା ସେଠାକାର ପରମ୍ପରା। ସେହିପରି ସମଗ୍ର ବିଶ୍ୱରେ ଏପରି କୌଣସି ମୁସଲିମ ଦେଶନାହିଁ ଯାହାର ଦେଶର ନାଁ ଆଗରେ ଇସଲାମିକ ରିପବ୍ଲିକ ନାହିଁ। ନହେଲେ ସେହି ଦେଶରେ ଇସଲାମଙ୍କୁ ରାଷ୍ଟ୍ରୀୟ ଧର୍ମର ମାନ୍ୟତା ମିଳିନାହିଁ। ଭାରତରେ ତ ଧାର୍ମିକ ଧ୍ରୁବୀକରଣ ନିର୍ବାଚନ ଜିତିବାର ଏକ କୌଶଳ ଭାବରେ ସ୍ୱୀକୃତି ପାଇଛି।

ଗଣମମାଧ୍ୟମର ନିରପେକ୍ଷତା ଗଣତନ୍ତ୍ର ପାଇଁ ବହୁତ ଜରୁରୀ। କେବଳ ନିରପେକ୍ଷ ହେଲେ ଚଳିବ ନାହିଁ ବରଂ ଗଣମାଧ୍ୟମକୁ ସଶକ୍ତ ମଧ୍ୟ ହେବାକୁ ପଡ଼ିବ। ହେଲେ ଏହି ଦୁଇଟିଯାକ ଗୁଣ ଏବେ ଗଣମାଧ୍ୟମ ହରାଇ ସାରିଲାଣି। ଗଣମାଧ୍ୟମ ଏବେ ରାଜାନୈତିକ ଦଳ, ବିଚାରବାଦ ଓ ସରକାରଙ୍କ ନିୟନ୍ତ୍ରଣରେ ଚାଲୁଛି। ଏଥିପାଇଁ କେବଳ ବିଜ୍ଞାପନ ବା ଗଣମାଧ୍ୟମ ଚାଲିବାପାଇଁ ଅର୍ଥର ଆବଶ୍ୟକତା ଅଛି ବୋଲି ଏହିପରି ବାଧବାଧକତା କୁହାଯାଇପାରିବ। ତତ୍‌ସହିତ ଗଣମାଧ୍ୟମ ଚଳାଉଥିବା ମାଲିମାନଙ୍କର ପ୍ରବଳ ରାଜନୈତିକ ଆକାଂକ୍ଷା ହିଁ ଆଜି ଗଣମାଧ୍ୟମକୁ ଏଭଳି ସ୍ଥିତିରେ ଠିଆ କରାଇଦେଇଛି କହିଲେ ଠିକ୍ ହେବ। ସେହିଭଳି ବିଚାର ବ୍ୟବସ୍ଥା ଯାହା ସବୁବେଳେ ସ୍ୱତନ୍ତ୍ର ସ୍ଥାନରେ ରହି ଗଣ ଓ ତନ୍ତ୍ର ଭିତରେ ଭାରସାମ୍ୟ ରଖିବା କଥା ଏବେ ତାହା ଅନେକ ସମୟରେ ନିଜେ ଭାରସାମ୍ୟ ହରାଇଛି। ଆମ ଦେଶରେ ମାନ୍ୟବର ବିଚାରପତିମାନେ ଅନେକଥର କହିଲେଣି ଯେ ନ୍ୟାୟିକ ବ୍ୟବସ୍ଥା ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି। ପରିଶେଷରେ ଯେଉଁ ଯେଉଁ ମୌଳିକ ସମସ୍ୟାର ନିରାକରଣ ପାଇଁ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା ଆଜି ବି ସେହି ସେଗୁଡ଼ିକୁ ଗଣତାନ୍ତ୍ରିକ ବ୍ୟବସ୍ଥା ଦୂର କରିପାରିନାହିଁ ବୋଲି ମୁଁ ଦୃଢ଼ତାର ସହିତ କହୁଛି। ଏହାକୁ ସରକାର ନ୍ୟାୟୀକ ବ୍ୟବସ୍ଥା ସହୃଦୟତାର ସହିତ ହୃଦୟଙ୍ଗମ କରି ସାଧାରଣରେ ବିଶ୍ୱାସଭାଜନ ହେବା ଆଜିର ଗଣତନ୍ତ୍ର ଦିବସରେ ମୁଁ ଆହ୍ୱାନ କରୁଛି।

ଆନ୍ତର୍ଜାତୀୟ ସ୍ତମ୍ଭକାର
ସାମନ୍ତରାପୁର,
ପୁରୁଣା ଭୁବନେଶ୍ୱର-୨
ଜିଲ୍ଲା ଖୋର୍ଦ୍ଧା
ମୋ-୭୮୪୮୮୯୮୪୫୬

# ଜନରାଜ୍ୟ ଦିବସ


ଜୟଶ୍ରୀ ପଟ୍ଟନାୟକ




ଜାନୁୟାରୀ ଛବିଶ ତାରିଖଟି ଆମ ଦେଶ ଭାରତ ପାଇଁ ଏକ ଗର୍ବ ଗୌରବର ଦିନ ଅଟେ । ଏହା ଆମର ଜାତୀୟ ପର୍ବ । ଏହିଦିନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ଏକ ପବିତ୍ର ଦିବସ ରୂପେ ପାଳନ କରନ୍ତି । ପ୍ରତ୍ୟେକ ଦପ୍ତର, ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ,ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହିଦିନ ଆମର ରାଷ୍ଟ୍ରୀୟ ଝଣ୍ଡା ତ୍ରିରଙ୍ଗା ଉଡାଯାଏ । ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଭାତଫେରି, ପତାକା ଉତୋଳନ, ଜାତୀୟ ସଙ୍ଗୀତ ଗାନ , ବକ୍ତୃତା ଓ ବିଭିନ୍ନ ପ୍ରକାରର ନୃତ୍ୟ ଗୀତ, ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଏ । ରାଜଧାନୀ ଦିଲ୍ଲୀର ଇଣ୍ଡିଆ ଗେଟ ଠାରେ ରାଷ୍ଟ୍ରପତିଙ୍କୁ ଅଭିବାଦନ ଦିଆଯାଏ । ଜଳ, ସ୍ଥଳ ଓ ଆକାଶବାହିନୀ ସେମାନଙ୍କର ସାମରିକ କୌଶଳ ପ୍ରଦର୍ଶନ କରିଥାନ୍ତି । ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ର ଛାତ୍ରୀ ମାନେ ସ୍ୱତନ୍ତ୍ରତା ଦିବସର ପ୍ୟାରେଡରେ ଭାଗ ନିଅନ୍ତି ବିଭିନ୍ନ ରାଜ୍ୟର କଳା ପ୍ରଦର୍ଶନ କରନ୍ତି । ବାସ୍ତବିକ ଏହି ଦିନ ଦେଶବାସୀ ପାଇଁ ସଂକଳ୍ପ ଓ ଆତ୍ମ ସମୀକ୍ଷାର ଦିନ ।। ଏହିଦିନ ଜନତାଙ୍କ ମନରେ ଭ୍ରାତୃବୋଧ, ଦେଶାତ୍ମବୋଧ ଓ ଜାତୀୟତାବାଦ ବୋଧର ଏକ ଉଷ୍ମ ବାତାବରଣ ଖେଳାଇଦିଏ । ଦେଶପ୍ରତି ସଭକ୍ତିରେ ମୁଣ୍ଡ ନଇଁଯାଏ । ମାଟି ଲାଗେ ଚନ୍ଦନ ପରି , ପବନ ଲାଗେ ଧୀର ସମୀରଣ ପରି , ଫୁଲର ସୁଗନ୍ଧ ଲାଗେ କସ୍ତୁରୀ ମହକ ପରି, ଜାତୀୟ ପତାକା ଲାଗେ ଆମ ସମ୍ମାନର ମୁକୁଟ ପରି । ଏହିଦିନ ଆମ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଏକ ସ୍ମରଣୀୟ ଦିବସ । ଜାନୁୟାରୀ ୨୬ ଦିନକୁ ସାଧାରଣତନ୍ତ୍ର ଦିବସ, ଜନରାଜ୍ୟ ଦିବସ, ଗଣତନ୍ତ୍ର ଦିବସ ବୋଲି ମଧ୍ୟ କୁହାଯାଏ । ୧୯୫୦ ମସିହା ଜାନୁୟାରୀ ଛବିଶ ଦିନ ଆମ ଦେଶର ଶାସନ ଭାର ଆମ ହାତରେ ନ୍ୟସ୍ତ ରହିଲା । ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ ଶାସନର ପରିସମାପ୍ତି ଘଟିଲା ।। ଏହିଦିନ ଠାରୁ ଆମର ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା ଏବଂ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ,ସମାଜବାଦୀ ଓ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ପରିଗଣିତ ହେଲା । ନିଜଦେଶକୁ ନିଜ ଢ଼ଙ୍ଗରେ ଶାସନ କରିବାର କ୍ଷମତା ପ୍ରାପ୍ତି ହେଲା । ଯଦିଓ ଆମ ଦେଶ ସ୍ୱାଧୀନ ହେଲା ୧୯୪୭ ଅଗଷ୍ଟ ୧୫ ଦିନ ଅତ୍ୟାଚାରୀ ଇଂରେଜର ଦୁଇଶହ ବର୍ଷର ନିଷ୍ଠୁର ଶାସନ କବଳରୁ କିନ୍ତୁ ନିଜ ଦେଶକୁ ଚଳାଇବାର ଆଇନ ପ୍ରଣୟନ କ୍ଷମତା ଭାରତର ନଥିଲା । ପ୍ରତ୍ୟେକ ଦେଶର ନିଜସ୍ୱ ସମ୍ବିଧାନ ଥାଏ ଯୋଉଥିରେ ଲେଖାଥାଏ ଦେଶର ସମସ୍ତ ନୀତି ଓ ନିୟମ ଲିଖିତ ବା ଅଲିଖିତ ରୂପରେ । ପ୍ରତ୍ୟେକ ରାଷ୍ଟ୍ରର ମୁଖ୍ୟ ଜଣେ ଥାଆନ୍ତି ତାଙ୍କୁ ରାଷ୍ଟ୍ରମୁଖ୍ୟ ବା ଦେଶମୁଖ୍ୟ ବୋଲି କୁହାଯାଏ । ଆମର ସମ୍ବିଧାନ ନଥିବାରୁ ସମ୍ବିଧାନର ପ୍ରଣେତାମାନେ ଏକ ଶାସନ ଖସଡା ବା ସମ୍ବିଧାନ ପ୍ରସ୍ତୁତ କରିବାର ଚିନ୍ତା କରି ୧୯୪୬ ଡିସେମ୍ବର ୯ ତାରିଖରେ ଏକ ବୈଠକ ଏବଂ ଡିସେମ୍ବର ୧୧ ଦିନ ଅନ୍ୟ ଏକ ବୈଠକ ଆହୂତ କଲେ । ଏହାର ସ୍ଥାୟୀ ସଭାପତି ଥିଲେ ଡଃ ରାଜେନ୍ଦ୍ର ପ୍ରସାଦ । କିନ୍ତୁ ମୁସଲିମ ଲିଗର ନେତାମାନେ ଯୋଗ ନ ଦେବାରୁ ବୈଠକର ନିଷ୍ପତି କାର୍ଯ୍ୟକାରୀ ହେଲାନାହିଁ । ଜାତ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଏକ ଏବଂ ଦେଶର ଏକତା , ଅଖଣ୍ଡତାକୁ ବଜାୟ ରଖିବାର କଥା ଚିନ୍ତାକରି ଡଃ ଆମ୍ବେଦକରଙ୍କ ସଭାପତିତ୍ୱରେ ୭ ଜଣ ସଦସ୍ୟ ବିଶିଷ୍ଟ କମିଟି ୧୯୪୭ ଅଗଷ୍ଟ ୨୯ ରେ ସମ୍ବିଧାନ ପ୍ରଣୟନ ପାଇଁ ଖସଡା ପ୍ରସ୍ତୁତ କଲେ । ପୂର୍ବ ପ୍ରସ୍ତୁତ ନିୟମାବଳୀକୁ ପରୀକ୍ଷା ନିରୀକ୍ଷା କରି ଦୋଷ ତ୍ରୁଟିକୁ ବାଛି ଏକ ବିବରଣୀ ଦେବାପାଇଁ କମିଟିରେ କୁହାଗଲା ।। ସେହି ଅନୁସାରେ ୧୯୪୮ ଫେବୃୟାରୀ ୨୧ ରେ କମିଟି ତାର ଲିଖିତ ବିବରଣୀ ଦେଲା । ନଭେମ୍ବର ୪ ରେ କମିଟି ଦ୍ୱାରା ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରାଗଲା ୧୯୪୮ ନଭେମ୍ବର ୧୫ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସି ୧୯୪୯ ନଭେମ୍ବର ୧୪ ରେ ତୃତୀୟ ପର୍ଯ୍ୟାୟ ବୈଠକ ବସି ସେହିମାସ ୨୬ ତାରିଖରେ ଏକ ପୂର୍ଣ୍ଣାଙ୍ଗ ସମ୍ବିଧାନ ରୂପେ ପରିଗଣିତ ହେଲା । ଏଥିରେ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ ସ୍ୱାକ୍ଷର କରିଥିଲେ ପରିଶେଷରେ ୧୯୫୦ ଜାନୁୟାରୀ ୨୬ ରେ ନୂଆ ସମ୍ବିଧାନ କାର୍ଯ୍ୟ କାରୀ ହୋଇ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ସର୍ବବୃହତ ଲିଖିତ ସମ୍ବିଧାନ ରୂପେ ପରିଗଣିତ ହୋଇ ୩୯୫ ଅନୁଚ୍ଛେଦ, ୨୨ ଭାଗ ଓ ୯ ଗୋଟି ଅନୁସୂଚୀରେ ବିଭକ୍ତ କରାଗଲା ।। ବାବାସାହେବ ଡଃ ଆମ୍ବେଦକର ଥିଲେ ଭାରତୀୟ ସମ୍ବିଧାନର ପ୍ରାଣ ପ୍ରତିଷ୍ଠାତା ତେଣୁ ତାଙ୍କୁ ଭାରତୀୟ ସମ୍ବିଧାନ ନିର୍ମାଣର ଜନକ କୁହାଯାଏ । ବାସ୍ତବିକ ସମ୍ବିଧାନ ପ୍ରସ୍ତୁତକାରୀ ମାନେ ତାଙ୍କର ବହୁମୂଲ୍ୟ ସମୟ ଦେଇ ଯେଉଁ ଶାସନ ଖସଡା ପ୍ରସ୍ତୁତ କଲେ ତାହାର ସୁଫଳ ଆମେ ଆଜି ପାଉଛେ । ତେଣୁ ଜାନୁୟାରୀ ୨୬ ତାରିଖ, ୧୯୫୦ ଆମ ପାଇଁ ଏକ ଗର୍ବ ଗୌରବର ଦିନ କାରଣ ଆମ ଶାସନ ଆମ ହାତରେ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ହେବାର ଏକ ସୁଦିନକୁ ଆମେ ପାଇପାରିଛେ । ଗଣତନ୍ତ୍ର ନିର୍ଭର କରେ ସମ୍ବିଧାନ ଉପରେ । ଗଣ ମାନେ ଜନତା, ତନ୍ତ୍ର ମାନେ ଶାସନ । ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ରୂପେ ସମାଜର ସବୁ ଶ୍ରେଣୀର ଲୋକ ମାନଙ୍କର ରାଜାନୈତିକ, ସାମାଜିକ ଓ ଅର୍ଥନୈତିକ ନ୍ୟାୟ ପ୍ରଦାନ ପାଇଁ ବଦ୍ଧ ପରିକର । ସାମାଜିକ ଜୀବନକୁ ନିର୍ମଳ ଓ ସ୍ୱଚ୍ଛ କରିବା ଦୁର୍ନୀତିମୁକ୍ତ ରଖିବା ଏହାର ମୂଳଲକ୍ଷ୍ୟ । ଗଣତନ୍ତ୍ର ନ ଥିଲେ ବ୍ୟକ୍ତି ସ୍ୱାଧୀନତା ହରାଇ ଥାଆନ୍ତା । ନିଜର ମତବ୍ୟକ୍ତ କରିବା ପାଇଁ ନିଜକୁ ସ୍ୱାଧୀନ ମନେ କରି ନ ଥାନ୍ତା । ବିଶିଷ୍ଟ ରାଜନୈତିକ ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ମତରେ ଗଣତନ୍ତ୍ର ଲୋକ ମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ । ବହୁଜନ ହିତାୟ ବହୁଜନ ସୁଖାୟ ଗଣତନ୍ତ୍ରର ମୂଳମନ୍ତ୍ର ଅଟେ । ସମ୍ବିଧାନ ରାଷ୍ଟ୍ରର ଦର୍ପଣ ଅଟେ । ଆମ ସମ୍ବିଧାନରେ ଏକତା, ଅଖଣ୍ଡତା , ମୌଳିକ ଅଧିକାରକୁ ଗୁରୁତ୍ୱ ଦିଆଯାଇଛି । ଆମ ସମ୍ବିଧାନ ଇଂଲଣ୍ଡର ସଂସଦୀୟ ଶାସନ ବ୍ୟବସ୍ଥା, ଆମେରିକାର ରାଷ୍ଟ୍ର ସଂଘୀୟ ବ୍ୟବସ୍ଥା, ମୌଳିକ ଅଧିକାର ଏବଂ ଆୟାରଲାଣ୍ଡର ରାଷ୍ଟ୍ରୀୟ ନିର୍ଦ୍ଦେଶକ ନୀତି ଦ୍ୱାରା ଗଭୀର ଭାବରେ ପ୍ରଭାବିତ ପଂଚାୟତିରାଜ, ଓ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଆବଶ୍ୟକୀୟ ସାମ୍ବିଧାନିକ ନୀତି ପ୍ରଣୟନ ମଧ୍ୟ କରାଯାଇଛି । ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାରକୁ ସ୍ଥାନ ଦେଇଛନ୍ତି । ଭାରତର ଲିଖିତ ସମ୍ବିଧାନର ମୁଖଶାଳା ହେଉଛି ଏହାର ପ୍ରସ୍ତାବନା । ଭାରତର ଜନସାଧାରଣଙ୍କୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ପାଇଁ ଏହାର ନାଗରିକଙ୍କ ସାମାଜିକ , ଅର୍ଥନୈତିକ, ରାଜନୈତିକ, ନ୍ୟାୟ ଓ ଚିନ୍ତା ମତପ୍ରକାଶ ବିଶ୍ୱାସ ଓ ଉପାସନାର, ସ୍ୱାଧୀନତା ସ୍ଥିତି ଓ ସୁଯୋଗର ସମାନତାର ଅଧିକାର ପ୍ରଦାନ କରିବା ତଥା ସେମାନଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତୀୟ ଐକ୍ୟ ସଂହତି ପ୍ରତିଷ୍ଠା କରିବା, ସତ୍ୟ ଓ ନିଷ୍ଠାର ସହିତ ସଂକଳ୍ପ କରି ଭ୍ରାତୃଭାବ ବୃଦ୍ଧି କରିବା ଆମ ସମ୍ବିଧାନର ମୂଳଲକ୍ଷ୍ୟ । ତେଣୁ ନାଗରିକ ହିସାବରେ ଆମ ସମ୍ବିଧାନର ସୁରକ୍ଷା ଓ ଦାୟିତ୍ୱ ନେବାର ସଂକଳ୍ପ ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ।


+ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪


## ସାଧାରଣତନ୍ତ୍ର ଦିବସ


ରମାକାନ୍ତ ଦାସ


ଫରଫର ଉଡେ ତ୍ରିରଙ୍ଗା
ପତାକା
ଭାରତମାତାର କୋଳେ
ବିଜୟର ସ୍ୱନ ଫୁଙ୍କଇ ତ୍ରିରଙ୍ଗା
ଜାତୀୟ ସଙ୍ଗୀତ ତାଳେ ।

ଆମ ଗଣତନ୍ତ୍ର ସବୁଠାରୁ ଶ୍ରେଷ୍ଠ
ଭିନ୍ନ ଆମ ସମ୍ବିଧାନ
ବାବା ଭୀମରାଓ ଆମ୍ବେଦକର
ସମ୍ବିଧାନ କରିଥିଲେ ପ୍ରଣୟନ ।

ଆମ ଦେଶରକ୍ଷା ଆମରି
ଦାୟୀତ୍ୱ
ଆମ ସମ୍ବିଧାନ ଆମ ସମ୍ମାନ
ସତ୍ୟ,ଶାନ୍ତି ଓ ପ୍ରଗତି
ବାର୍ତ୍ତାରେ
ରଖିବା ତ୍ରିରଙ୍ଗା ମାନ ।

ଆମ ଅଧିକାର ଆମରି କର୍ତ୍ତବ୍ୟ
ଆମେ ସବୁ ଭାଇଭାଇ
ସତ୍ୟ, ନ୍ୟାୟ ପାଇଁ ଶପଥ
କରିବା
ଚଳିବା ଏକାଠି ହୋଇ ।

ସମ୍ବିଧାନ ଧାରା ନୀତିନିୟମକୁ
ନିଷ୍ଠାର ସହ ପାଳିବା
ରାଷ୍ଟ୍ରୀୟ ଏକତା ବଜାୟ
ରଖିବା
ସୁନାର ଭାରତ ଗଢ଼ିବା ।


ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ-୯୬୬୮୮୧୫୩୬୯


# ଆମେ କଣ ସତରେ ସ୍ୱାଧୀନ ?


ଅନନ୍ତ କୁମାର


ଭାରତରେ ଆଜି ବି କୋଣ ଅନୁକୋଣରେ ସ୍ୱାଧୀନ ବୋଲି ମନେ ହୁଏ ନାହିଁ ବେଳେ ବେଳେ ଅନୁଭବ ହୁଏ ଯେମିତି ଆମେ ଇଂରେଜ କବଳରେ ଅଛୁ, ଆଉ ତାଙ୍କ ଇସାରାରେ ନାଚୁଛୁ ଏବେବି । ଏମିତି ଏ ଭାରତ ବର୍ଷ ରାଜ ନେତାଙ୍କ କବଳରେ ଚାଲିଛି ଏ ସମ୍ବିଧାନ ଆଉ ନିୟମ କାନୁନ ସବୁ ଯେପରି ସେହି ସମ୍ବିଧାନ ପୋଥିରେ ଲିପିବଦ୍ଧ ହେଇ ରହିଯାଇଛି । ଏଠି ନେତାଙ୍କ ଇସାରାରେ ଏ ଆଇନ କାନୁନ ଚାଲିଛି ପ୍ରତେକ ସାଧାରଣ ଲୋକ ଏଠି ନିର୍ଯାତନାର ଶିକାର ହେଉଛି ନ୍ୟାୟ ନ ପାଇ ଯେମିତି ତା ପାଇଁ ନ୍ୟାୟ ନାହିଁ, ତା ର ବଞ୍ଚିବାର ଅଧିକାର ନାହିଁ, ଆଉ ଯଦି ବଡ ବଡ ନେତାଙ୍କ କଥା ଉଠେ ତାଙ୍କ ପାଇଁ ଏ ଆଇନ କାନୁନ ସବୁ ଠିକ୍ ଅଛି । ଆଜି ବି ସାଧାରଣ ଲୋକଟିଏ ଥାନା କୁ ଯଦି ନ୍ୟାୟ ପାଇଁ ଯାଉଛି ତାକୁ ଡର ଲାଗୁଛି,ଆଉ ଥାନାରେ ଥିବା ଅଧିକାରୀ ଏମିତି ନିର୍ଯାତନା ଦେଉଛନ୍ତି ଲୋକ ମକୋଦ୍ଦମା କରିବା ଡରୁଛନ୍ତି । ଆଜି ଏମିତି ଏ ଥାନା କୋର୍ଟ କଚେରୀ ଚାଲିଛି । ଆପଣ ମାନେ ଜାଣିଛନ୍ତି କାର୍ଯ୍ୟାଳୟ ଭିତରେ ଭାରତୀୟ ପତାକା ସବୁ ମହାପୁରୁଷ ମାନଙ୍କ ଫୋଟୋ ଲାଗିଛି ହେଲେ ସାଧାରଣ ଲୋକଙ୍କ ଟିକସରେ ଚାକିରି କରିଥିବା ବାବୁ ମାନଙ୍କ କାର୍ଯ୍ୟ କିନ୍ତୁ ଅଲଗା,ସାଧାରଣ ଲୋକଟିଏ କେସ ଦେବାକୁ ଗଲେ ତା ଆଗରୁ ଏହି ବଡ ବଡ ରାଜ ନେତା ଏବଂ ମନ୍ତ୍ରୀଙ୍କ ଫୋନ ସେ ଥାନାକୁ ଯାଇ ସାରିଥିବ ଆଉ ତା ପରେ ଯାହା ହେବ ସମସ୍ତେ ଜାଣନ୍ତି । ଏଠି ଅପରାଧୀକୁ ବାନ୍ଧିବାକୁ ହେଲେ ରାଜ ନେତାଙ୍କ ଅନୁମତି ପୋଲିସ ବାବୁଙ୍କୁ ଦରକାର ପଡୁଛି ଯଦି ବି କେହି ସଚ୍ଚୋଟ ପୋଲିସ୍ ବାବୁ ଅପରାଧୀଙ୍କୁ ବାନ୍ଧିବାକୁ ଚେଷ୍ଟା କରୁଛି, ତାହା ହେଲେ ୨ ଦିନ ଭିତରେ ଅନ୍ୟ ଯାଗାକୁ ବଦଳି କରି ଦିଆ ଯାଉଛି ।ନ ହେଲେ ହତ୍ୟାର ଧମକ, ଏହା କଣ ଆମ ସମ୍ବିଧାନରେ ଲେଖା ଅଛି ?

ଆମ ଦେଶର ଗଣ ମାଧ୍ୟମ ଆଉ ସାମ୍ବାଦିକ ପ୍ରାୟତଃ ସେମାନେ ନେତାଙ୍କ ଇସାରାରେ ଖବର ପ୍ରସାରଣ କରୁଛନ୍ତି ସାଧାରଣ ଲୋକଙ୍କର ଦୁଃଖ ଏବଂ ଅସୁବିଧା ଖବର ବହୁତ କମ ପ୍ରସାରଣ କରା ଯାଉଛି କିନ୍ତୁ ନେତାଙ୍କ କଥା ଅଧିକ, ଯଦି କୌଣସି ଗଣ ମାଧ୍ୟମ ସଚ୍ଚୋଟ ଭାବେ ଖବର ପ୍ରସାରଣ କରୁଛି ତାହା ହେଲେ ତାକୁ ଦିନ ଦ୍ୱିପହରେ ଆକ୍ରମଣ ସହ ହତ୍ୟାବି କରା ଯାଉଛି । ଏହା କଣ ସମ୍ବିଧାନର ୪ର୍ଥ ସ୍ତମ୍ଭରେ ଉଲ୍ଲେଖ ଅଛି , ଆଜି ବି ସଂନ୍ଧ୍ୟା ପରେ ଡର ଲାଗୁଛି ନାରୀ ମାନଙ୍କୁ ବାହାରକୁ ଯିବାକୁ କଣ ପାଇଁ,ବଡ ବଡ ରାଜ ନେତାଙ୍କ ଝିଅ ବହୂ ରାତିରେ ବୁଲି ପାରିବେ ହେଲେ ସାଧାରଣ ଲୋକ ବୁଲିବା ରାତିରେ ବହୁତ କଷ୍ଟ ସାଧ୍ଯ କିନ୍ତୁ ରାଜ ନେତାଙ୍କ ଝିଅ ବହୂ ଏଠି ସୁରକ୍ଷିତ, କିନ୍ତୁ ସାଧାରଣ ଝିଅ ବହୂ ସୁରକ୍ଷିତ ନୁହଁନ୍ତି । ଦିନ ରାତି ପ୍ରତେକ ଦିନ ନା ବାଳିକା ଠାରୁ ଆରମ୍ଭ କରି ସାବାଳିକା ପର୍ଯ୍ୟନ୍ତ ସମସ୍ତେ ଧର୍ଷଣ ହେଉଛନ୍ତି କାହାକୁ କେତେ ନ୍ୟାୟ ମିଳୁଛି ? ଏ ବଡ ବଡ ସରକାରୀ ଅଫିସରେ ମାନେ ସତରେ ନ୍ୟାୟ ଦେଉଛନ୍ତି ନା ବଂର କଥାକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି କାରଣ ଏ ଥାନା କୋର୍ଟ କଚେରୀ ରାଜ ନେତାଙ୍କ ଅଙ୍ଗୁଠା ନିର୍ଦ୍ଦେଶରେ ଚାଲିଛି । ଆଉ ଏ ପୋଲିସ୍ ପ୍ରଶାସନ ହାତ ବାନ୍ଧି ବସିଛି ଏମିତି ଚାଲିଛି ଏ ଶାସନ । ଅନୁଭୂତ ହେଉଛି ଯେମିତି ଇଂରେଜ ମାନେ ଆମକୁ ଶାସନ କରୁଛନ୍ତି ସାଧାରଣ ଲୋକଟିଏ ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛି କିନ୍ତୁ ଯଦି ବଡ ବଡ ବାବୁଙ୍କ ନେତାଙ୍କ ନ୍ୟାୟ ଥିବ କେସ ହେବା ପୂର୍ବରୁ ନ୍ୟାୟ ମିଳୁଛି ଏହା କଣ ସମ୍ବିଧାନରେ ଲେଖା ଅଛି, ? ରାଷ୍ଟ୍ରୀୟ ପତାକା ଛୁଇଁ ବଡ ବଡ ଅଫିସର କୁହନ୍ତି ଆମେ ନ୍ୟାୟ ପାଇଁ ଲଢ଼ିବୁ, ସାଧାରଣ ଲୋକଙ୍କ ପାଇଁ ଦିନ ରାତି କାମ କରିବୁ ଆଉ ଦେଶ ପାଇଁ କାମ କରିବୁ, ଏ ସବୁ ମିଛ ଶପଥ କରି ଆସୁଛନ୍ତି ଏମାନେ ସମସ୍ତେ ନେତାଙ୍କ ପାଇଁ କାମ କରୁଛନ୍ତି, ଏଇଟା କଣ ଆମ ସମ୍ବିଧାନରେ ଉଲ୍ଲେଖ ଅଛି ଶପଥ କରିବୁ ହେଲେ କାର୍ଯ୍ୟ କରିବୁ ନାହିଁ, ? ତାହା ହେଲେ କେମିତି କହିବୁ ଆଜି ଆମେ ସ୍ୱାଧୀନ ବୋଲି ଦେଶର ନ୍ୟାୟ ବ୍ୟବସ୍ଥା କେବେଠୁ ଖତ ଖାଇ ଗଲାଣି ଆଉ ମଣିଷ ପଣିଆବି ସବୁ ଏଠି ଜାଲିଆତି ସବୁ ଖାଲି ପ୍ରହସନ, ସବୁ ବେଳେ ଗୋଟିଏ ଶବ୍ଦ ନେତା ଏବଂ ବଡ ବଡ ସରକାରୀ ଅଫିସର ମାନଙ୍କ ମୁହଁରେ ତଦନ୍ତ ଚାଲୁଅଛି ଆଇନ ତା ବାଟରେ ଯିବ । ଆଇନ କେଉଁ ବାଟରେ ଯାଉଛି ସମସ୍ତେ ଜାଣନ୍ତି ଏଠି ଆଇନ ନେତା ମାନଙ୍କ ବାଟରେ ଯାଉଛି ଏହା କଣ ଆମ ସମ୍ବିଧାନରେ ଲେଖା ଅଛି ? କେବଳ ଏଠି ନେତା ମାନଙ୍କ ମିଛ ଭାଷଣ ପ୍ରତେକ ବର୍ଷ ୨୬ ସାଧାରଣତନ୍ତ୍ର ଦିବସ ଆଉ ୧୫ ଅଗଷ୍ଟରେ ଜାତୀୟ ପତାକା ତଳେ ଛିଡା ହେଇ । କେମିତି ଆମେ କହିବୁ ଆମେ ସ୍ୱାଧୀନ ବୋଲି, ସବୁ ମିଛ, ପ୍ରହସନ,ଆଜି ୭୪ ବର୍ଷ ପରେ ଅନୁଭବ ହେଉଛି ଆମ ଭାରତର ଜନସାଧାରଣ ପରାଧୀନ ।


+କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ
ସଂଗଠନ
ତିହିଡି, ଭଦ୍ରକ
ମୋ: ୮୩୩୯୮୩୯୯୨୮


# ବିଦେଶରେ ବାଗଦେବୀଙ୍କ ଆରାଧନା


ନେତାଜୀ ତାପସ କୁମାର ସାହୁ




'ସରସ୍ୱତୀ ମହାଭାଗେ ବିଦ୍ୟେ କମଳ ଲୋଚନେ
ବିଦ୍ୟାରୂପେ ବିଶାଳାକ୍ଷୀ ବିଦ୍ୟାଂ ଦେହି ନମସ୍ତୁତେ'

ବସନ୍ତର ଆଗମନରେ ସମଗ୍ର ଧରାପୃଷ୍ଠରେ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଥାଏ ଏବଂ ଏହି ସମୟରେ ମାଆ ସରସ୍ୱତୀଙ୍କ ଆରାଧନା କରାଯାଇଥାଏ। ମାଘ ମାସ ଶୁକ୍ଲପକ୍ଷ ପଞ୍ଚମୀ ବା ଶ୍ରୀପଞ୍ଚମୀ ଦିନ ଦେବୀ ସରସ୍ୱତୀ ଆବିର୍ଭାବ ହୋଇଥିଲେ, ଯିଏକି ବିଦ୍ୟା, ଜ୍ଞାନ ଓ କଳା ସାହିତ୍ୟର ଦେବୀ ରୂପେ ଆବାହମାନ କାଳରୁ ପୂଜିତା । ମାଆ ଶ୍ୱେତ ବସ୍ତ୍ର ପରିଧାନ କରିଥାନ୍ତି, ଯାହାକି ଶୁଦ୍ଧ ଅନ୍ତଃକରଣ ରୂପୀ ଜ୍ଞାନକୁ ପ୍ରତିପାଦିତ କରିଥାଏ । ସେହିପରି ପଦ୍ମଫୁଲ ଉପରେ ମାଆ ବିଦ୍ୟମାନ । ପଦ୍ମଫୁଲ ମୁଖ୍ୟତଃ ଜଳାଶୟ ରେ ଫୁଟି ଥାଏ, ଯାହାର ନାଡ କାଦୁଅରେ ଥିଲା ବେଳେ ଏହାର ମୂଳରେ ସାପ ମଧ ଗୁଡେଇ ହୋଇ ରହିଥାଏ । ତେବେ ସୂର୍ଯ୍ୟ କିରଣକୁ ଚାହିଁ ଫୁଟୁଥିବା ଏହି ପଦ୍ମଫୁଲ ଭୌତିକ ସଂସାର ରୂପୀ କାଦୁଅ ତଥା ଜଞ୍ଜାଳ ରୂପୀ ସାପର ଫାଶରୁ ମୁକ୍ତ ହୋଇ ସୂର୍ଯ୍ୟ କିରଣ ରୂପୀ ବାସ୍ତବ ଜ୍ଞାନ ଆହରଣ ପାଇଁ ପ୍ରେରଣା ଦେଇଥାଏ । ଚତୁର୍ଭୁଜା ଭାବେ ମାତା ସରସ୍ୱତୀ ହାତରେ ବେଦ, ସ୍ୱଟିକ ମାଳ ଓ ବୀଣା ଧାରଣ କରିଥାନ୍ତି । ସନାତନ ଧର୍ମ ଅନୁସାରେ ବେଦ ହେଉଛି ସମ୍ପୂର୍ଣ୍ଣ ଜ୍ଞାନର ଭଣ୍ଡାର । ସେହିପରି ସ୍ୱଟିକ ମାଳ ଏକାଗ୍ରଚିତ୍ତର ପ୍ରତୀକ ଭାବରେ ବିବେଚିତ କରାଯାଉଥିବା ବେଳେ ବୀଣା ବାସ୍ତବ ଜୀବନର ଗୁରୁତ୍ୱ ଓ ମହତ୍ତ୍ୱ ବୁଝି ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଙ୍କେତ ଦେଇଥାଏ । ମାଆ ସରସ୍ୱତୀଙ୍କ ବାହାନ ହେଉଛି ହଂସ, ଯିଏ ପାଣି ଓ କ୍ଷୀର ଅଲଗା କରିଥାଏ । ହଂସ ଏଠାରେ ମାନବ ସମାଜକୁ ଷଡ୍ ରିପୁ ଠୁ ନିଜକୁ ଦୂରେଇ ମୋକ୍ଷ ପ୍ରାପ୍ତି ପାଇଁ ବାର୍ତ୍ତା ପ୍ରଦାନ କରିଥାଏ ।

ତେବେ ମାଆ ସରସ୍ୱତୀଙ୍କୁ ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମର ଦେବୀ ରୂପେ କେବଳ ଭାରତରେ ନୁହ ବିଦେଶରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।

ଜାପାନରେ ଉଭୟ ବୌଦ୍ଧ ଓ ଶିନ୍ତୋ ଧର୍ମାବଲମ୍ବୀ ମାନେ 'ବେଞ୍ଜାଇତେନ୍' ଙ୍କୁ ବିଦ୍ୟାର ଦେବୀ ରୂପେ ଆରାଧନା କରିଥାନ୍ତି , ଯିଏକି ଶ୍ୱେତ ପଦ୍ମ ଉପରେ ବିରାଜମାନ ହେବା ସହ 'ବିଓ୍ୱା' ନାମକ ବାଦ୍ୟ ଯନ୍ତ୍ର ହାତରେ ଧରିଥାନ୍ତି, ଯାହାକି ଜାପାନରେ ବିଭିନ୍ନ ଶୁଭକାର୍ଯ୍ୟରେ ବଜାଯାଇଥାଏ । ଦେବୀ ବେଞ୍ଜାଇତେନଙ୍କ ମନ୍ଦିର ମୁଖ୍ୟତଃ ଜଳାଶୟ ନିକଟରେ ଅବସ୍ଥିତ । ସ୍ଥାନୀୟ ଲୋକମାନେ ଦେବୀଙ୍କୁ କଳା, ସାହିତ୍ୟ, ସଙ୍ଗୀତ ଓ ଭାଗ୍ୟର ଦେବୀ ରୂପେ ମାନିଥାନ୍ତି । ସେମାନଙ୍କ ବିଶ୍ୱାସ ମାଆଙ୍କୁ ଆରାଧନା କରିଲେ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟ, ଧନ ସମ୍ପଦ ଓ ସଫଳତା ପ୍ରାପ୍ତ କରିଥାଏ । ସେହିପରି ନୋସିମା ଦ୍ୱୀପର ଅଧିବାସୀ ମାନେ ଜାପାନକୁ ଦେବୀ ବେଞ୍ଜାଇତେନ ଭୂମିକମ୍ପରୁ ରକ୍ଷା କରିଥାନ୍ତି ବୋଲି କୁହନ୍ତି । ଜାପାନରେ ବେଞ୍ଜାଇତେନଙ୍କ ତିନୋଟି ପ୍ରମୁଖ ମନ୍ଦିର ଇତସୁକୁସିମା, ଇନୋସିମା ଓ ହୋଗୋନ ଅବସ୍ଥିତ ।

ଚୀନରେ ଦେବୀ ସରସ୍ୱତୀଙ୍କୁ 'ବିୟାନଚାଇତ୍ୟାନ୍' ରୂପେ ଆରାଧନା କରାଯାଏ, ଯିଏକି ବୌଦ୍ଧଧର୍ମରେ 'ସୁବର୍ଣ୍ଣପ୍ରଭାସୂତ୍ର' ନାମରେ ବର୍ଣ୍ଣିତ ।

ମିଆଁମାରରେ 'ଥୁରଥଦୀ', 'ସୁରସ୍ୱତୀ' ଓ 'ତିପିଟକମେଦା' ରୂପେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ । ଏଠାରେ ସ୍ଥାନୀୟ ଲୋକମାନେ ମାଆଙ୍କୁ ଅନେକ ସଂଖ୍ୟାରେ ମାନିଥାନ୍ତି କ୍ଷ ପ୍ରାଚୀନ ବୌଦ୍ଧ ପ୍ରସ୍ତର କଳା ଗୁଡ଼ିକରେ ଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳିଥିବା ବେଳେ, ୧୦୮୪ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ବାଗଦେବୀଙ୍କ ମନ୍ଦିର ଆଜିବି ଏଠାରେ ବିଦ୍ୟମାନ । ବୌଦ୍ଧ ଧର୍ମାବଲମ୍ବୀ ମାନେ ଦେବୀ ଥୁରଥଦୀଙ୍କୁ ଜ୍ଞାନ ଓ କଳାର ଦେବୀ ରୂପେ ଆରାଧନା କରୁଥିଲା ବେଳେ ବୌଦ୍ଧ ଧର୍ମଗ୍ରନ୍ଥ ଗୁଡ଼ିକୁ ଦେବୀ ରକ୍ଷା କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

କମ୍ବୋଡିଆଠାରେ ଥିବା ବିଶ୍ୱର ସର୍ବବୃହତ ମନ୍ଦିର ଅଙ୍କୋରବାଟ ମନ୍ଦିରରେ ମାତା ସରସ୍ୱତୀଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ସ୍ଥାନୀୟ ଲୋକମାନେ 'ବାଗୀଶ୍ୱରୀ' ରୂପେ ଆରାଧନା କରିଥାନ୍ତି ।

ସେହିପରି ଥାଇଲାଣ୍ଡରେ ପ୍ରଚଳିତ ପ୍ରାଚୀନ ଗ୍ରନ୍ଥ ଗୁଡିକରେ ଦେବୀ ସରସ୍ୱତୀଙ୍କୁ 'ସୁରସବଦୀ' ନାମରେ ଉଲ୍ଲେଖିତ କରାଯାଇଥିବା ବେଳେ ସମସ୍ତଙ୍କୁ ସେ ବାକ୍ ଶକ୍ତି ପ୍ରଦାନ କରିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି । ଏଠାରେ ମୟୂର ଉପରେ ବିରାଜିତା ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ ।

ସୁଦୂର ଇଣ୍ଡୋନେସିଆର ସାହିତ୍ୟ ତଥା ଧର୍ମ ଶାସ୍ତ୍ରରେ ଦେବୀ ସରସ୍ୱତୀଙ୍କ ବିଷୟରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିବା ବେଳେ ବାଲି ଠାରେ ଅନୁଷ୍ଠିତ ହେଉଥିବା ପ୍ରତିଟି ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ରେ ମାତା ସରସ୍ୱତୀଙ୍କ ଆହ୍ୱାନ କରାଯାଇଥାଏ, ଯାହାକି ଓଡ଼ିଶାରେ ପ୍ରଚଳିତ ପାଲା ଗାୟନ ପୂର୍ବରୁ ପାଲା ଗାୟକଙ୍କ ଦ୍ୱାରା ଦେବୀ ବନ୍ଦନା ସହ ସାମଞ୍ଜସ୍ୟ ରଖିଥାଏ । ଏହି ଦିନ ବାଲିରେ ପ୍ରଚଳିତ ବାର୍ଷିକ କ୍ୟାଲେଣ୍ଡର ମଧ୍ଯ ସମାପ୍ତ ହେଉଥିବା ବେଳେ ହିନ୍ଦୁ ମାନେ ବେଶ୍ ଜାକଜମକ ସହକାରେ ଏହି ଦିବସକୁ ପାଳନ କରିଥାନ୍ତି ।

ପ୍ରାଚୀନ ଗ୍ରୀସର ଏଥେନ୍ସ ସହରର ରକ୍ଷାକର୍ତ୍ରୀ ଦେବୀ 'ଏଥେନା'ଙ୍କୁ ଜ୍ଞାନ, କଳା, ଶକ୍ତି, ସଭ୍ୟତା,ନ୍ୟାୟ ଓ ଗଣିତ ଶାସ୍ତ୍ରର ଆରାଧ୍ୟା ଦେବୀ ରୂପେ ବର୍ଣ୍ଣିତ କରାଯାଇଛି ।

ମିଶରରେ ଦେବୀ 'ସେଶାତ' ଙ୍କୁ ଲେଖନ କଳା ଆବିଷ୍କାର କରିବା ସହ ଜ୍ୟୋତିଷ, ଜ୍ୟାମିତି ଓ ବାସ୍ତୁକଳା ରଚନା କରିଥିବାର ବିଶ୍ୱାସ କରାଯାଏ । ସେହିପରି ଫ୍ରାନ୍ସ, ସ୍ପେନ୍, ଇଂଲଣ୍ଡ, ବେଲଜିଅମ, ଅଷ୍ଟ୍ରିୟା ତଥା ୟୁରୋପୀୟ ଦେଶ ଗୁଡ଼ିକରେ ଜ୍ଞାନ ଓ ଶିଳ୍ପ କଳାର ଦେବୀ ରୂପେ 'ମିନର୍ଭା'ଙ୍କୁ ତଥା ଜର୍ମାନୀରେ ଜ୍ଞାନ, ସଦାଚାର ଓ ଆତ୍ମ ନିୟନ୍ତ୍ରଣ ଦେବୀ ରୂପେ 'ସ୍ନୋତ୍ର କୋ' ଙ୍କୁ ଆରାଧନା କରାଯାଇଥାଏ ।

ତେବେ ମାଆ ଯେତେ ରୂପରେ ଓ ନାମରେ ପୂଜା ହେଲେ ବି ସେ ସାରା ବିଶ୍ୱର ମାଆ । ଓଡ଼ିଶାରେ ଏହି ବସନ୍ତ ପଞ୍ଚମୀ ଦିନ ଶ୍ରୀଜୀଉମାନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ କାଠ ଆସି ବଡଦାଣ୍ଡରେ ପହଞ୍ଚି ଥାଏ, ଯାହାକି ପ୍ରତିପାଦିତ କରେ ଜଗନ୍ନାଥ ସଂସ୍କୃତିର ନାରୀ ଜାତି ପ୍ରତି ଅଗ୍ରାଧିକାର ଓ ପ୍ରାଧାନ୍ୟତା ।


+ପୂର୍ବତନ ଅଧାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର ତଥା ଛାତ୍ର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା

# କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ଭଦ୍ରକ,୨୫/୦୧ (ନି.ପ୍ର): ବରପଦା କୁସୁନନଗର ସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଦୀର୍ଘ ୭ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବିଶ୍ୱାଳସାହି ପ୍ରୋଜେକ୍ଟ ଉ.ପ୍ରା. ବିଦ୍ୟାଳୟ ପରିସରରେ ସେବା ଶିବିର ଉଦ୍‌ଘାଟିତ ହୋଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ




କରିଥିଲେ । ପୂର୍ବତନ ଯୋଜନା ଅଧିକାରୀ ଅଶ୍ୱିନୀ କୁମାର ପୁହାଣ ଏବଂ ଘନଶ୍ୟାମ ଅଧିକାରୀ ବକ୍ତା ଭାବେ ଯୋଗ ଦେଇ ଜାତୀୟ ସେବା ଯୋଜନାର ମହତ୍ତ୍ୱ ଓ ଏହାର ଆବଶ୍ୟକତା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ । ଉକ୍ତ ସଭାରେ ଅଧ୍ୟାପିକା ପ୍ରତିଜ୍ଞା ପଣ୍ଡା ଯୋଗ ଦେଇ ସେବା ଏକ ଧର୍ମ ବୋଲି ପ୍ରତିପାଦନ କରିଥିଲେ । ଯୋଜନା ଅଧିକାରୀ ଅଧ୍ୟାପକ ରମେଶ ଚନ୍ଦ୍ର ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିଲେ । ୭ ଦିନ ବ୍ୟାପୀ ବିଭିନ୍ନ ଦିବସରେ ସଫେଇ, ସ୍ୱାସ୍ଥ୍ୟ ସଚେତନତା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ଦିବସର ଦ୍ୱିତୀୟ ଅଧିବେଶନରେ ନିମନ୍ତ୍ରିତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି, ଅଧ୍ୟାପକ ଶଙ୍କର୍ଷଣ ପଣ୍ଡା, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ନାସିର ବକ୍ସ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ପରିଡ଼ା, ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ଯୋଗ ଦେଇ ଜାତୀୟ ସଂହତି ଓ ସାମାଜିକ ନେତୃତ୍ୱ ସମ୍ବନ୍ଧରେ ଶିବରାର୍ଥୀଙ୍କୁ ବୁଝାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେପି ଛାଡିଲେ ଗିରିଧର....

କାହା ବିରୋଧରେ କହିବେ ନାହିଁ ବୋଲି କହିଛନ୍ତି । କିନ୍ତୁ ନାଁ ନନେଇ ଦକ୍ଷିଣ ଓଡିଶାର ଜଣେ ବିଜେପି ନେତାଙ୍କୁ ଦୋଷ ଦେଇଛନ୍ତି ଶିଶିର । ଏବଂ ଆଗାମି ଦିନରେ କେସିଆରଙ୍କ ଦଳରେ ମିଶିବା ନେଇ ସଂକେତ ଦେଇଛନ୍ତି । ତେବେ ଗିରିଧରଙ୍କୁ ଦଳରେ ଅଣଦେଖା କରାଯିବା ଅଭିଯୋଗକୁ ଖଣ୍ଡନ କରିଛି ବିଜେପି । ସେହିପରି ବିଜେଡି ନେତା କହିଛନ୍ତି, ବିଜେଡିକୁ କିଛି ଫରକ ପଡିବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଓ ଲୋକଙ୍କ ଭଲ ପାଇବା ଆଗରେ ସବୁ ଫେଲ୍ । ଗମାଙ୍ଗ କେସିଆରଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବାର କିଛି ଦିନ ମଧ୍ୟରେ ସେ ଇସ୍ତଫା ଦେଇଥିବାରୁ ସେ କେସିଆରଙ୍କ ସହ ସାମିଲ ହେବେ । ସେହିପରି ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ଆସନ୍ତା ୨୭ରେ ବିଆରଏସରେ ମିଶିବେ । ଆଉ ଦକ୍ଷିଣ ଓଡିଶାର ଉଭୟ ଟାଣୁଆ ନେତା ହୋଇଥିବାରୁ ଆଗାମି ଦିନରେ ରାଜନୀତି ରୋଚକ ହେବ ବୋଲି ଚର୍ଚ୍ଚା ହେଉଛି ।

### ନୂଆଦିଲ୍ଲୀରେ ଜାତୀୟ ପର୍ଯ୍ୟଟନ....

"ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ"ର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟ ପର୍ଯ୍ୟଟନ ଦିବସ ଅବସରରେ ଏହି ଟ୍ରେନର ଶୁଭାରମ୍ଭ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ "ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ"ରେ ପ୍ରାୟ ୫୨୮ ଜଣ ତୀର୍ଥଯାତ୍ରୀ ବାରାଣାସୀ, ବୈଦ୍ୟନାଥ, ପୁରୀ, ଭୁବନେଶ୍ୱର ଓ ଗୟା ଦେଇ ଯାତ୍ରା କରିବେ । ସେମାନେ ଶ୍ରୀମନ୍ଦିର, ଲିଙ୍ଗରାଜ, କୋଣାର୍କ, ବିଶ୍ୱନାଥ, ବୈଦନାଥ ମନ୍ଦିର ସମେତ ବିଷ୍ଣୁ ଭବବାନଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବାର ଲାଭ ପାଇବେ । ଅତିଥି ଦେବ ଭବଃ । ତେଣୁ ଓଡ଼ିଶାର ଲୋକମାନେ ଏହି ଟ୍ରେନରେ ରାଜ୍ୟକୁ ଭ୍ରମଣ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କର ଅତିଥି ସତ୍କାର କରିବାର ଦାୟିତ୍ୱ ନିଅନ୍ତୁ । ସେ କହିଛନ୍ତି ମହାପ୍ରଭୁଙ୍କ ଆଶୀର୍ବାଦରେ ଏହି ଟ୍ରେନର ଶୁଭାରମ୍ଭ ହୋଇଛି । ମହାପ୍ରଭୁଙ୍କ ଇଚ୍ଛା ବିନା କୌଣସି କାମ ସମ୍ପନ୍ନ ହୁଏ ନାହିଁ । ତାଙ୍କର ଅନୁମତି ବିନା ଭକ୍ତମାନେ ତାଙ୍କୁ ପ୍ରତ୍ୟକ୍ଷ ଦର୍ଶନ ପାଇପାରନ୍ତି ନାହିଁ ବୋଲି ଆମର ବିଶ୍ୱାସ ରହିଛି । ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ ଓ ଐତିହ୍ୟ ସ୍ଥଳି ଭ୍ରମଣ କରିବା ସମୟରେ ସାଙ୍ଗରେ ମହାପ୍ରଭୁଙ୍କ ମହାପ୍ରସାଦ ଆଣିବା ସହ ରଘୁରାଜପୁରର ପଟ୍ଟଚିତ୍ର ଓ ସ୍ଥାନୀୟ ସାମଗ୍ରୀକୁ କିଣିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ପୁରୀ ଯାଉଥିବା ଭାରତ ଗୌରବ ପର୍ଯ୍ୟଟନ ଟ୍ରେନକୁ ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନରେ ନାମିତ କରିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶାର ପର୍ଯ୍ୟଟନ ବୃଦ୍ଧି ଦିଗରେ ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଦେଶର ସାମାନ୍ୟ ଘରର ନାଗରିକମାନେ କମ୍ ଟଙ୍କାର ଉଚ୍ଚକୋଟୀର ସୁବିଧା ପାଇବେ । ଦେଶରେ ଓଡ଼ିଶାର ଗୌରବକୁ ବଢାଇବା ଦିଗରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ "ଦେଖୋ ଅପନା ଦେଶ"ର କଳ୍ପନା ଦିଗରେ ଆଜିର ପଦକ୍ଷେପ ଦ୍ୱାରା ସମଗ୍ର ଭାରତବର୍ଷରେ କେବଳ ପର୍ଯ୍ୟଟନର ବିକାଶ ହେବ ନାହିଁ ବରଂ ରୋଜଗାର ମଧ୍ୟ ବଢିବ । ଓଡ଼ିଶାର ସାମାଜିକ ଜୀବନରେ ମଧ୍ୟ ସୁପ୍ରଭାବ ପଡିବ । ସ୍ଥାନୀୟ ଅଂଚଳରେ ଉତ୍ପାଦିତ ହେଉଥିବା ସାମଗ୍ରୀର ପ୍ରଚାର ପ୍ରସାର ହେବା ସହ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ । ଏହାର ସଫଳ କରିବାର ଦାୟିତ୍ୱ ଆମ ମାନଙ୍କର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଓ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଶାମୁକ୍ତ ପରିବାର ଗଠନ ପାଇଁ ଶପଥ ନେଲେ ଗ୍ରାମବାସୀ

ଖୋର୍ଦ୍ଧା, ୨୫/୦୧ (ନି.ପ୍ର): ଚାଷୀ, ମୂଲିଆ, ଖଣିଖାଦାନରେ କାର୍ଯ୍ୟ କରୁଥିବା ଦିନ ମଜୁରିଆ ଅଭ୍ୟାସଗତ ନିଶାଡ଼ିରେ ପରିଣତ ହେଲା ପରେ ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ଫଳରେ ତାଙ୍କ ପରିବାର ସଦସ୍ୟମାନେ ରୋଜଗାରିଆ ବ୍ୟକ୍ତି ହରାଇଲା ପରେ ଆର୍ଥିକ ଅନାଟନ ଭିତରେ ଜୀବନ ଅତିବାହିତ କରୁଛନ୍ତି । ସେହି ପରିବାରର ପିଲାମାନେ ପାଠ ପଢ଼ିପାରୁନାହାଁନ୍ତି । ସେମାନଙ୍କର ଭବିଷ୍ୟତ ଅନ୍ଧକାର ଆଡ଼କୁ ଯାଉଛି । ଏହିଭଳି ପରିସ୍ଥିତିରେ ଜନସଚେତନତା କାର୍ଯ୍ୟକ୍ରମ ବିଶ୍ୱାମିତ୍ର ଜନସେବା ଅନୁଷ୍ଠାନ ତରଫରୁ ଗ୍ରାମାଂଚଳରେ ଆୟୋଜିତ କରାଯାଉଛି । ଗତ କାଲି ନନ୍ଦପୁର ପଂଚାୟତ ଅନ୍ତର୍ଗତ ଆଦିବାସୀ ସାହିରେ ନିଶାକୁ ନା' କୁହନ୍ତୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସଭାରେ ସରପଂଚ ବିପ୍ଳବ କେଶରୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ । ଘରୋଇ ହିଂସା, ନାରୀ ନିର୍ଯ୍ୟାତନା ଓ ସାମାଜିକ ବିଶୃଙ୍ଖଳା ମୂଳରେ ମାଦକ ଦ୍ରବ୍ୟର ଭୂମିକା ରହୁଥିବାରୁ ଏହା ସେବନ ନ କରିବା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ରାମଶଙ୍କର, ରବି ନାରାୟଣ ମିଶ୍ର, ସେକ୍ ହୁସେନ୍, ଜଗନ୍ନାଥ ବେହେରା, ମାଧବ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସଚେତନତା ବାର୍ତ୍ତା ଦେଇଥିଲେ । ସମାଜ ସେବୀ ରମେଶ ପ୍ରଧାନ ସଭା ପରିଚାଳନା କରିଥିଲେ ।

## ଏକ ସାଂସ୍କୃତିକ ଆନ୍ଦୋଳନର ବାର୍ତ୍ତାବହ ଉଦଳା ମହୋତ୍ସବ : ପ୍ରସନ୍ନ କୁମାର ଦାସ

ଉଦଳା,୨୫/୦୧ (ନି.ପ୍ର): ଆଉ ମାତ୍ର ୧୦ଟି ଦିନ ପରେ, ଅର୍ଥାତ ଫେବୃଆରୀ ୫ ତାରିଖରୁ ଆରମ୍ଭ ହେବ କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ – ୨୦୨୩ । କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରାକୁ ନେଇ ଗଢ଼ି ଉଠିଥିବା ଏହି ମହା ମଂଚ ପାଇଁ ପ୍ରସ୍ତୁତି ପର୍ବ ଯେଉଁଭଳି ଭାବରେ ଆଗେଇ ଚାଲିଛି ଠିକ୍ ସେହିଭଳି ଭାବରେ ଲୋକଙ୍କ ମଧ୍ୟରେ ଆବେଗପୂର୍ଣ୍ଣ ଉତ୍ସାହ ପରିଲକ୍ଷିତ ହେଉଛି । ଉଦଳା ମହୋତ୍ସବର ସୁବାସ ଏବେ ଆଉ କେବଳ ଉପଖଣ୍ଡ ମଧ୍ୟରେ କେନ୍ଦ୍ରୀଭୂତ ହୋଇ ନାହିଁ । ସମଗ୍ର ରାଜ୍ୟରେ ଏହା ଏକ ସାଂସ୍କୃତିକ ଆନ୍ଦୋଳନର ବାର୍ତ୍ତାବହ ଭାବରେ ସୃଷ୍ଟି କରିଛି ତାର ଏକ ସ୍ୱତନ୍ତ୍ର ପରିଚୟ ବୋଲି ସ୍ୱେଚ୍ଛାସେବୀ ସଂଗଠନ ଆମେ



ଭଞ୍ଜକଳାକାରର ସଭାପତି ପ୍ରସନ୍ନ କୁମାର ଦାସ ଗଣ ମାଧ୍ୟମକୁ ଜଣାଇଛନ୍ତି । ଏଠାକାର କଳା, ସାହିତ୍ୟ ଓ ସଂସ୍କୃତିର ବାସ୍ନା ନିଆରା ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ଏ ମାଟିର ପ୍ରତିଭା ବାହାରେ ଯେଉଁଠୁ ସମ୍ବର୍ଦ୍ଧିତ ହେଲେ ମଧ୍ୟ ସେଥିରେ ସେ ଯେତିକି ଆନନ୍ଦ ଅନୁଭବ ନକରନ୍ତି, ନିଜ ଜନ୍ମ ମାଟିରେ ସମ୍ବର୍ଦ୍ଧିତ ହେଲେ ନିଜକୁ ଭାଗ୍ୟବାନ ମନେ କରନ୍ତି । ରାଜନୀତିରେ ମଧ୍ୟ ଉଦଳା ପଛୁଆ ନୁହେଁ । ଏ ମାଟିରୁ ଜନ୍ମ ନେଇଥିବା ରାଜନୈତିକ ନେତା ମାନଙ୍କର ସ୍ୱାଭିମାନ ଓ ଦୂରଦୃଷ୍ଟି ପାଇଁ ରହିଛି ସ୍ୱତନ୍ତ୍ର ସମ୍ମାନ । ତେବେ ଚଳିତ ବର୍ଷ ହେବାକୁ ଥିବା ଉଦଳା ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଭଞ୍ଜକଳାକାରର ସଭାପତି ଶ୍ରୀଯୁକ୍ତ ଦାସ ଅନୁରୋଧ ଜଣାଇଛନ୍ତି ।

## ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ବାରିପଦା,୨୫/୦୧ (ନି.ପ୍ର): ଆଜି ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ସମଗ୍ର ଶିକ୍ଷାଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୟୁରଭଂଜ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଦଘାଟନ କରି କନ୍ୟା ସନ୍ତାନ ଓ ପୁତ୍ର ସନ୍ତାନ ମଧ୍ୟରେ ଲିଙ୍ଗ ଗତ ଅସମାନତା ପ୍ରଦର୍ଶନ ବା କୌଣସି ଭେଦଭାବ ନରଖି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ କରି କନ୍ୟା ଭୃଣହତ୍ୟା ଭଳି କୁତ୍ସିତ ମାନସିକତା ଠାରୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, କୁସୁମମାଳା ମିଶ୍ର, ଜିଲ୍ଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ, ଏଚ.ଆର.ପି.ସି. ର ଡି.ଏସ.ପି. ସବିତା ମାଝୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ପ୍ରମୁଖ ଯୋଗଦେଇ ଜାତୀୟ କନ୍ୟା ସନ୍ତାନ ଦିବସର ଆଭିମୁଖ୍ୟ, ବାଲ୍ୟ ବିବାହ ବିରୁଦ୍ଧରେ ବ୍ୟାପକ ସଚେତନତା ତଥା କନ୍ୟା ସନ୍ତାନ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ଏହାର ବିଭିନ୍ନ ଆଇନ ଗତ ଦିଗ ଉପରେ ଆଲୋକ ପାତ କରିଥିଲେ । ସେହିପରି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଯୋଗ ଦେଇଥିଲେ ।

## ଚୋରକୁ ଧରି ପୋଲିସରେ ଜିମା ଦେଲେ ଗ୍ରାମବାସୀ

ବସ୍ତା,୨୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ବିଳମ୍ବିତ ରାତି ରେ ଚଙ୍ଗୁଡି ଗାଡିଆରୁ ପମ୍ପସେଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିବା ସମୟରେ ଦୁଇଜଣ ଚୋରକୁ ଧରି ନିସ୍ତୁକ ମାଡ ମାରି ପୋଲିସ ରେ ଜିମା ଦେଲେ ଲୋକେ । ସୂଚନା ଅନୁଯାୟୀ ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ ରାଜଧାନୀ ଛକ ନିକଟରେ ଥିବା ଜନୈକ ବ୍ୟକ୍ତିଙ୍କ ଚିଙ୍ଗୁଡି ଗାଡିଆ ରେ ବିଳମ୍ବିତ ରାତି ଦୁଇ ଜଣ ଚୋର ପଶି ପମ୍ପସେଟ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇ ପଳାଉ ଯାଉଥିବା



ସମୟରେ ଚିଙ୍ଗୁଡି ଗାଡିଆ ମାଲିକ କୌଣସି ସୂତ୍ରରୁ ଜାଣିପାରି ଦୁଇ ଜଣ ଚୋରକୁ ଗୋଡାଇ ଗୋଡାଇ କାବୁକରି ଉତ୍ତମ ମଧ୍ୟମ ଦେବାପରେ ଦଉଡିରେ ବାନ୍ଧି ପୋଲିସର ଜିମା ଦେଇଥିଲେ । ସାର୍ଥା ପାଂଣ୍ଡି ପୋଲିସ ଦୁଇ ଚୋରଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି ।

## ଜାତୀୟସ୍ତର ଯୋଗାସନ ପ୍ରତିଯୋଗିତା ପାଇଁ ଚୟନ ହେଲେ ମୟୂରଭଞ୍ଜରୁ ୩ ଛାତ୍ର

ବାରିପଦା,୨୫/୦୧ (ନି.ପ୍ର): ଜାତୀୟସ୍ତର ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ଟିମ୍‌ରେ ମୟୂରଭଞ୍ଜ ଜିଲ୍ଲାର ୩ ଜଣ ପ୍ରତିଯୋଗୀ ଚୟନ ହୋଇଛନ୍ତି । ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟର ଚିନ୍ମୟ କୁମାର ବାରିକ ଏବଂ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଉଦଳା ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜଗନ୍ନାଥ ର ଚିନ୍ମୟ ମହାକୁଡ ଓ ଗୁରୁକୁଳ ବିଦ୍ୟାମନ୍ଦିର, ଉଦଳାର ହିମାଂଶୁ ମହାନ୍ତ । ଏହି ସଫଳତା ପାଇଁ ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶୁଭେଚ୍ଛା ଜଣାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଓଡିଶା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଚଳିତ ଜାନୁୟାରୀ ମାସ ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ବାଳିକା ଟିମ୍ ମ୍ୟାନେଜର ରୂପେ ରାସଗୋବିନ୍ଦପୁର ବ୍ଲକସ୍ଥିତ ମଣଦା ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ପ୍ରଦୀପ ନାୟକ ଓ ବାଳିକା ଟିମ ମ୍ୟାନେଜର ବାରିପଦାସ୍ଥିତ ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଧରିତ୍ରୀ ମହାନ୍ତଙ୍କ ନେତୃତ୍ୱରେ ୧୮ ଜଣ ଯୋଗ ଦେଇଥିଲେ । ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଗୋପାଲ ସିଂ, ଚିନ୍ମୟ କୁମାର ବାରିକ, କ୍ରିଷ୍ଣା ନାୟକ, ଶୁଭଜିତ କୁଇଲା, ସ୍ୱାଧୀନ ମଣ୍ଡଳ ଓ ବାଳିକା ବିଭାଗରେ ତ୍ରିଷା ମିଶ୍ର, ଗାୟତ୍ରୀ ଦାସ, ପ୍ରତ୍ୟୁଷା ଶୁଭଲକ୍ଷ୍ମୀ, ସାବିତ୍ରୀ ମୁର୍ମୁ ।

## କୁମ୍ଭକା ଗ୍ରାମରେ ୭ ଦିନିଆ ଜାତୀୟ ସେବା ଶିବିର

ଖଇରା,୨୫/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ଏକ ୭ଦିନ ସ୍ୱତନ୍ତ୍ର ସେବା ଶିବିର ୨୫ତାରିଖରେ କୁମ୍ଭକା ଗ୍ରାମରେ ଉଦ୍‌ଯାପିତ ହୋଇ ଯାଇଛି । ୭ଦିନ ଧରି ୫୦ଶିବିରାର୍ଥୀନୀ ପ୍ରୋଗ୍ରାମ ଅଧିକାରିଣୀ ଅଳକାନନ୍ଦା ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବୃକ୍ଷରୋପଣ, ଛାତ୍ରୀ ଆତ୍ମସୁରକ୍ଷା, ଗ୍ରାମ ସଫେଇ, ଯୋଗ ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଭଳି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ୨୩ ତାରିଖରେ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶିଷ୍ଟ ଆୟୁସ ଡାକ୍ତର ଡା ସଞ୍ଜିବା ବିଶ୍ୱାଳ,



କୁପାରୀ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଯୋଗ ଦେଇ ସୁସ୍ଥତା ସମ୍ପର୍କୀତ ବିଭିନ୍ନ ଟିପ୍ସ ପ୍ରଦାନ କରିଥିଲେ । ପରେ ଯୋଗ ପ୍ରଚାରକ ପାଣିଗ୍ରାହୀ ମାନସିକ ସ୍ଥିରତା, ଏସିଡ ରୁ ମୁକ୍ତ ରହିବା ନେଇ ବିଭିନ୍ନ ଯୋଗ ଶିଖାଇଥିଲେ । ଗ୍ରାମ ମୁଖିଆ ବଳରାମ ପାଣିଗ୍ରାହୀ, ଅଭିରାମ ମହାପାତ୍ର ଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ । ବୁଧବାର ଆୟୋଜିତ ଉଦଯାପନୀ ସଭାରେ ଅଧ୍ୟକ୍ଷା ଅନିତାରାଣି ନାୟକ ପୌରହିତ୍ୟ କରିଥିଲେ । ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ମମତାମୟୀ ପଣ୍ଡା, କସ୍ତୁରୀକନିକା ଦାସ, ରମା ଦାସ, ବିଣାପାଣି ବେହେରା, ପ୍ରଶିକ୍ଷିକା ଜୟଶ୍ରୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଅଂଶ ଗ୍ରହଣ କରିଥିବା ଶିବିରାର୍ଥିନୀ ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ତ୍ରୟୋଦଶ ଜାତୀୟ ଭୋଟର ଦିବସ ୨୦୨୩ ପାଳିତ

ନୀଳଗିରି,୨୫/୦୧ (ନି.ପ୍ର): ଜାତୀୟ ଭୋଟର ଦିବସ ଉପଲକ୍ଷେ ବୁଧବାର ପୂର୍ବାହ୍ନ ୯.୩୦ମି. ସମୟରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ତ୍ରୟୋଦଶ ଜାତୀୟ ମତଦାତା ଦିବସ ୨୦୨୩ ପାଳିତ ହୋଇଯାଇଛି । ଏହି ଦିବସରେ ନୀଳଗିରି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧୀକାରୀ ଶ୍ରୀଯୁକ୍ତ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାରେ ଶପଥପାଠ ତଥା ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ ଦିବସରେ ମହତ୍ୱ ଓ ଉଦ୍ଦେଶ୍ୟ ସଂପର୍କରେ ମଂଚାସୀନ ମାନଙ୍କ ମଧ୍ୟରୁ ପଂଚାୟତସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ବିଡିଓ ଶ୍ରୀଯୁକ୍ତ ରାହୁଲ ମଣ୍ଡଳ ନିଜ ନିଜର ସମ୍ୟକ ବକ୍ତବ୍ୟ ରଖିଥିଲେ । ଉପସ୍ଥିତ ବିଭାଗୀୟ ସମସ୍ତ କର୍ମକର୍ତ୍ତା ସଦସ୍ୟ / ସଦସ୍ୟା ନୂତନ ଭୋଟରମାନଙ୍କୁ ନେଇ ଏକ ଶପଥ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୀଳଗିରିର ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ନୀଳଗିରି ଏନ.ଏ.ସି. ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଦୀପ୍ତାଂଶୁ ପରିଡ଼ା, ଉଭୟ ଗଣମାଧ୍ୟମ ପ୍ରତିନିଧି ନୂତନ ଭୋଟର ସମେତ ବିଭାଗୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ନୀଗଳିରି ଉପଖଣ୍ଡ ପ୍ରଶାସନ ପକ୍ଷରୁ ନିର୍ବାଚନ ବିଭାଗର ଲକ୍ଷ୍ମୀକାନ୍ତ ମହାପାତ୍ର, ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

With best Compliment from:-

MANAGEMENT SOCIETY, DHAMARA
FISHING HARBOUR, DHAMARA
At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

Facilities available in the Fishing Harbour :

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
EMail ID : manager.msdfh@gmail.com, dfo.bhadrak@gmail.com

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.
Hello: 06784-240223, 06786-222500

LAND FOR SALE

A commercial land ad-measuring 34 decimals (14,790 Sqft) having 160ft frontage on the N.H. 60 at Fuladi is for sale. Buyers interested are required to contact -

79786 79093
or
79786 76714.

ଧ୍ୱନି ପ୍ରତିଧ୍ୱନି

## ନାମ୍ପୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଜଳେଶ୍ୱର,୨୫/୦୧ (ନି.ପ୍ର): ଜଳେଶ୍ୱର ବ୍ଲକର ନାମ୍ପୋସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାରାମ ଦେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତାଭାବେ ଅଧ୍ୟାପକ ଦୁର୍ଗେଶ କୁମାର ନାୟକ ଯୋଗ ଦେଇ ସାମ୍ପ୍ରତିକ ସମାଜଲାଗି ବଡ ମଣିଷ ଅପେକ୍ଷା ଭଲ ମଣିଷର ଆବଶ୍ୟତା ରହିଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଚନ୍ଦ, ବରିଷ୍ଠ ସାମ୍ବାଦିକ ଅବନୀ ଚନ୍ଦ, ରବିନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ଜେନା ସଭାକାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

# ଆସନ୍ତା ୨୮ରୁ ଜଳେଶ୍ୱର ମହୋତ୍ସବ



ଜଳେଶ୍ୱର, ୨୫/୧(ନି.ପ୍ର): କରୋନାର ସଂକ୍ରମଣ ଯୋଗୁଁ ୨ବର୍ଷ ମେଳା ମହୋତ୍ସବ ଓ ସର୍ବାଜନୀନ କାର୍ଯ୍ୟ ରୋକ କରାଯାଇଥିବା ବେଳେ ତାଲାବଂନ୍ଦ ଯୋଗୁଁ ଜଳେଶ୍ୱର ମହୋତ୍ସବ ହୋଇ ପାରିନଥିଲା । କିନ୍ତୁ ତାଲା ବଂନ୍ଦ ପ୍ରତ୍ୟାହାର ପରେ ଜଳେଶ୍ୱର ମହୋତ୍ସବ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ଅନୁଷ୍ଠିତ ହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ସଭାପତି ସତ୍ୟସୁନ୍ଦର ଦାସ ସୂଚନା ଦେଇଛନ୍ତି । ଏହି ଉତ୍ସବରେ ପଶ୍ଚିମବଂଗ ଓ ଓଡିଶାରର ରାଜନେତା, ସମାଜସେବି, ଶିକ୍ଷାବିତ୍, କଳାକାର, ଅଭିନେତା/ ଅଭିନେତ୍ରୀ, ମେଲୋଡି, ମହିଳାଦିବସ, ଜଳେଶ୍ୱର ଶ୍ରୀ, ଗୃହଲକ୍ଷ୍ମୀ, ଆମ ସୁନାଝିଅ, ସୁସ୍ଥ ସୁନ୍ଦର ଶିଶୁ, ଆଦର୍ଶ ପରିବାର, ତଥା ପ୍ରତିଭା ବିକାଶ ଲାଗି ନାଚ, ଗୀତ, କୁଇଜ୍, କୃଷି ସମ୍ମିଳନୀ, ପୁଷ୍ପପ୍ରଦର୍ଶନୀ, ବ୍ୟଙ୍ଗ ଆସର, ବାଲୁକା କଳାକୃତି, ଦୋଳୀ, ଗୃହପାଳିତ ପଶୁ ପ୍ରଦର୍ଶନୀ, କବି ସମ୍ମିଳନୀ ଅନୁଷ୍ଠିତ ହେବା ସଂପର୍କରେ କୁହାଯାଇଛି । ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଉପାନ୍ତ ଅଂଚଳରେ ଉଦ୍‌ଜୀବିତ ରହିବା, ଭାଇଚାରା ବୃଦ୍ଧି, କୁଟୀର ଶିଳ୍ପ ସାମଗ୍ରୀକୁ ବିକ୍ରୟର ସୁଯୋଗ ଇତ୍ୟାଦି କରାଯିବା ସହିତ ଏହାକୁ ସରକାରୀ ମାନ୍ୟତା ଦେବାକୁ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଡ. ଅଜିତ୍ ମହାନ୍ତି, କନିଷ୍କ ବୋଧିସତ୍ୱ ଦାସ, ପ୍ରବୀର ପ୍ରଧାନ, ନିତ୍ୟଗୋପାଳ ଦାସ, ଲେଲିନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସୀତାକୁଣ୍ଡରେ ଉଦଳା କଲେଜ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବାରିପଦା,୨୫/୦୧ (ନି.ପ୍ର): ଉଦଳା ମହାବିଦ୍ୟାଳୟରୁ ୧୯୯୧ରେ +୨ ଓ ୧୯୯୪ରେ +୩ ପାସ କରିଥିବା ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଶିମିଳିପାଳ ପାଦଦେଶସ୍ଥିତ ସୀତାକୁଣ୍ଡଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦଳା, ବାରିପଦା, ବାଲେଶ୍ୱର, ଭୁବନେଶ୍ୱର ଆଦି ସ୍ଥାନରେ ଅବସ୍ଥାପିତ ବହୁ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାରବର୍ଗଙ୍କ ସହ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉଦଳା କଲେଜର ଏହି ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କ କଲେଜ ଜୀବନର ସ୍ମୃତି ଚାରଣ କରିବା ସହିତ ନିଜ ନିଜ ମଧରେ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସୀତାକୁଣ୍ଡ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ରାଜେଶ ମିଶ୍ର, ସୁଶାନ୍ତ ମହାନ୍ତି, ଅତନୁ ପଟ୍ଟନାୟକ, ରାଜେଶ ଦାଶ, ସମରଜିତ ମହାପାତ୍ର, ବିନୋଦ ପରିଡ଼ା, ସତ୍ୟେନ୍ଦୁ ଜେନା, ରବୀନ୍ଦ୍ରକୁମାର ମହାନ୍ତି, ଶରତ ପାତ୍ର, ଗଣେଶ ମହାପାତ୍ର, ଦୀପକ ଦାସ, ସୁମନ୍ତ ମିଶ୍ର, ଶଶିରଞ୍ଜନ ମଲ୍ଲିକ, ସୌଭାଗିନୀ ପୁହାଣ, ଦୀପିକା ସିଂହ, ଅନ୍ନପୂର୍ଣ୍ଣା ସାହୁ, ଗିରିଜାଶଙ୍କର ସାହୁ, ରଜତ ବିଶ୍ୱାଳ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## କିଡ଼ନୀ ରୋଗୀ ଭାରତ ଭୂଷଣଙ୍କୁ 'ମୁଁ ତୁମର' ସଂଗଠନ ପକ୍ଷରୁ ସହାୟତା

ବାଲେଶ୍ୱର,୨୫/୦୧ (ନି.ପ୍ର): କିଡ଼ନୀ ରୋଗରେ ପୀଡ଼ିତ ବାଲେଶ୍ୱର ସହରର ଉଦୀୟମାନ ଯୁବନେତା ଭାରତ ଭୂଷଣ ଦାସ (ଦୀପୁ)ଙ୍କ କିଡ଼ନୀ ପ୍ରତ୍ୟାରୋପଣ ପାଇଁ ସ୍ୱେଚ୍ଛାସେବୀ ସଂଗଠନର 'ମୁଁ ତୁମର' ସହାୟତାର ହାତ ବଢ଼ାଇଛି । ଯୁବନେତା ଶୁଭେନ୍ଦୁ ମଙ୍ଗରାଜଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୫୦ହଜାର ଟଙ୍କାର ଚେକ ବୁଧବାର ଦୀପୁଙ୍କୁ ପ୍ରଦାନ କରିଛନ୍ତି ।







## ନୂଆ ସୋପାନରେ ଓଡ଼ିଶା

ଓଡ଼ିଶା ସରକାର

- ଓଡ଼ିଶାର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାବଲମ୍ବୀ ମହିଳାମାନଙ୍କ ମିଶନ 'ମିଶନ ଶକ୍ତି'କୁ ସଶକ୍ତ କରିବା ପାଇଁ ଆଗାମୀ ୫ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କାର ଋଣ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ଚିହ୍ନିତ ୫୦୦ ପ୍ରମୁଖ ବେସରକାରୀ ଚିକିତ୍ସାଳୟରେ ପ୍ରତି ମାସରେ ହାରାହାରି ୧୬୫ କୋଟି ଟଙ୍କା ବ୍ୟୟରେ ୭୩ ହଜାର ରୋଗୀ ଉପକୃତ ।
- କ୍ରୀଡ଼ା ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ତଥା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ବିଭିନ୍ନ କ୍ରୀଡ଼ା ପାଇଁ ଓଡ଼ିଶାରେ ପ୍ରତିଷ୍ଠା ହୋଇଛି ଅତ୍ୟାଧୁନିକ କ୍ରୀଡ଼ା ଓ ଉତ୍କର୍ଷ କେନ୍ଦ୍ର ।
- 5-T ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୪ ହଜାର ହାଇସ୍କୁଲ ରୂପାନ୍ତରିତ । ରୂପାନ୍ତରିତ ବିଦ୍ୟାଳୟ ପରିବେଶରେ ନାମଲେଖା ୯୨.୧%କୁ ବୃଦ୍ଧି ।
- ରାଜ୍ୟର ୩୧୩ ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଭୁବନେଶ୍ୱରରେ ଉତ୍କର୍ଷ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ସୁଯୋଗ ।
- ଗତ ଦୁଇ ବର୍ଷ ମଧ୍ୟରେ ୧୩ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ ହୋଇଥିବା ବେଳେ ଆଉ ୭୫୪୦ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ।
- ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ-୨୦୨୨, ନୂଆ ଓଡ଼ିଶା ପାଇଁ ୧୦.୫ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ପ୍ରସ୍ତାବ, ୧୦.୩୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ।
- ରାଜ୍ୟର ୧୯ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ' ପାନୀୟ ଜଳଯୋଗାଣ ସୁବିଧାର ଶୁଭାରମ୍ଭ ।
- ୨୦୨୪ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ।
- ଓଡ଼ିଶାକୁ ଏକ ଅଗ୍ରଣୀ ଏମ୍‌ଆଇସିଇ ପର୍ଯ୍ୟଟନ, ଇକୋ-ଟୁରିଜିମ୍ ଏବଂ କ୍ରୀଡ଼ା ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନିତ କରିବା ପାଇଁ ପ୍ରଣୀତ ହେଲା ନୂଆ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ।
- ମିଲେଟ୍‌ର ଲୋକପ୍ରିୟତା ପାଇଁ ମିଲେଟ୍ ମିଶନ । ରାଜ୍ୟର ଜନଜାତି ବହୁଳ ୧୫ଟି ଜିଲ୍ଲାର ୮୫ଟି ବ୍ଲକ୍‌ରେ ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନ ଏବଂ ରାଜ୍ୟ ଭିତରେ ଓ ବାହାରେ ଏହାର ବ୍ୟବହାରକୁ ଅଗ୍ରାଧିକାର ।
- ମିଲେଟ୍ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା ।
- ଏମ୍.ଏସ୍.ଏମ୍.ଇ ବିକାଶ ନୀତି ୨୦୨୨ ପ୍ରଣୟନ ଫଳରେ ରାଜ୍ୟରେ ୨୪ ହଜାର ୩୪୧ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ୫ ଲକ୍ଷରୁ ଅଧିକ ଏମ୍.ଏସ୍.ଏମ୍.ଇ ସ୍ଥାପିତ । ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଓଡ଼ିଶା ।
- ପୂର୍ବ ଭାରତର ନୂତନ ଆଇ.ଟି. ହବ୍ ଓଡ଼ିଶା : ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରକୁ ମିଳିବ ନୂଆ ଦିଶା ।
- ରାଜ୍ୟରେ ଉଚ୍ଛେଦ ହେଲା ଠିକା ନିଯୁକ୍ତି ବ୍ୟବସ୍ଥା ।
- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୮୫ କୋଟି ଟଙ୍କା ବ୍ୟୟରେ ୨୦୨୩ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଯୋଗାଣ ।
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଏକାମ୍ର କ୍ଷେତ୍ର ଓ ତାରାତାରିଣୀ ପୀଠର ବିକାଶ ସହିତ ରାଜ୍ୟର ଅନ୍ୟାନ୍ୟ ଐତିହ୍ୟ ସ୍ଥଳୀର ପୁନରୁଦ୍ଧାରକୁ ଅଗ୍ରାଧିକାର ।
- ରାଜ୍ୟ ସରକାରଙ୍କ 'ବିନା ଜୀବନ ହାନିରେ ବିପର୍ଯ୍ୟୟ ପରିଚାଳନା' ନୀତି ଯୋଗୁଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମଡ଼େଲ ବିଶ୍ୱ ପାଇଁ ଉଦାହରଣ ।
- ଉପକୂଳ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବିପର୍ଯ୍ୟୟ ସହନଶୀଳ ଯୋଜନା ।
- ଦେଶର ସର୍ବନିମ୍ନ ୦.୯% ବେକାରି ହାର ଓଡ଼ିଶାରେ ।






ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR : 15001/13/0242/2223


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo